


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୭ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 07 APRIL 2021
Vol.No. 32 ■ No. 90 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁଖ୍ୟମନ୍ତ୍ରୀଙ୍କ କରୋନା ସମୀକ୍ଷା

■ ବରିଷ୍ଠ ଅଧିକାରୀମାନଙ୍କୁ ପଶ୍ଚିମାଂଚଳ ଜିଲ୍ଲା ଯିବାକୁ ନିର୍ଦ୍ଦେଶ
■ ହସ୍ପିଟାଲ, ପର୍ଯ୍ୟାପ୍ତ ଆମ୍ବୁଲାନସ୍ ପ୍ରସ୍ତୁତ ରଖ
■ ଆଜିଠୁ ପୋଲିସ ପକ୍ଷରୁ ୧୦ ଦିନିଆ ଅଭିଯାନ

ଭୁବନେଶ୍ୱର,୦୬/୦୪ (ନି.ପ୍ର): କରୋନା ସଂକ୍ରମଣକୁ ହ୍ରାସ କରିବା ପାଇଁ ରାଜ୍ୟରେ ଅଧିକ ପୋଲିସ ମୁତୟନ କରିବା ସହ ୧୦ ଦିନ ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଛତିଶଗଡ଼ ସୀମାନ୍ତରେ ଥିବା ରାଜ୍ୟର ପଶ୍ଚିମାଂଚଳ ଜିଲ୍ଲାମାନଙ୍କରେ କରୋନା ରୋଗ ସଂକ୍ରମଣ ବ୍ୟାପୁଥିବାରୁ ତା' ଉପରେ ଅନୁଧ୍ୟାନ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ଗସ୍ତରେ ଯିବା ପାଇଁ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏହି ଜିଲ୍ଲାମାନଙ୍କରେ ଅଧିକ ଡାକ୍ତର, ପାରାମେଡ଼ିକାଲ ଷ୍ଟାପ୍, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦେବା ସହ ଅଧିକ ଆମ୍ବୁଲାନ୍ସ, ବେଡ୍, ଲ୍ୟାବ ଟେକ୍ନିସିଆନ୍ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସବୁ ସୁବିଧା ଯୋଗାଇଦେବା କ୍ଷେତ୍ରରେ ଯେଭଳି ଅଭିଯୋଗ ନଆସେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ରାଜ୍ୟରେ ଦେଖାଦେଇଥିବା କରୋନାର ଦ୍ୱିତୀୟ ଲହରୀ ସ୍ଥିତି ସମ୍ପର୍କରେ ମଙ୍ଗଳବାରଦିନ ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲାପାଳମାନ ଓ ଭୁବନେଶ୍ୱର-କଟକର ମ୍ୟୁନିସପାଲ କମିଶନରଙ୍କ ସହିତ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ସଂକ୍ରମଣ ବ୍ୟାପୁଥିବା ପଶ୍ଚିମ ଓଡ଼ିଶା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ▶▶ପୃଷ୍ଠା ୭



### କରୋନା ସଂକ୍ରମଣ : ଆଜିଠୁ ପୋଲିସ ପକ୍ଷରୁ ୧୦ ଦିନିଆ ସ୍ପେଶାଲ ଡ୍ରାଇଭ୍

ଭୁବନେଶ୍ୱର,୦୬/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟରେ କରୋନା ସଂକ୍ରମଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ (ସ୍ପେଶାଲ ଡ୍ରାଇଭ୍)କୁ ଜୋରଦାର କରିବାକୁ ପୋଲିସ୍ ଏସପି ଓ ଡିସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପାଳନ ଉପରେ ଗୁରୁତ୍ୱ ଦେବା ସହ ଆଇନ୍ ଶୃଙ୍ଖଳା ସମ୍ପର୍କରେ ଏଡିଜିଙ୍କୁ ଦୈନିକ ରିପୋର୍ଟ ଦେବାକୁ ପୋଲିସ୍ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ପରେ ୧୦ ଦିନିଆ ସ୍ପେଶାଲ ଡ୍ରାଇଭ୍ କରି ଲୋକଙ୍କୁ ସଚେତନ କରିବାକୁ ପୋଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଠାରୁ ଏହି ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଭିଜିଲାନ୍ସ ଜାଲରେ ବାରଙ୍ଗ ତହସିଲଦାର

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଲାଂଚ ନେଉଥିବା ଅଭିଯୋଗରେ ବାରଙ୍ଗ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ଭିଜିଲାନ୍ସ ସ୍ୱଟରେ ଧରିଛି। ତାଙ୍କୁ ଅଟକ ରଖି ଅଧିକ ପଚରା ଉଚୁରା କରିଛି। ତହସିଲଦାରଙ୍କ ଗାଡ଼ି ଭିତରୁ ୧ଲକ୍ଷ ୭ହଜାର ଟଙ୍କା ଜବତ କରାଯାଇଛି ବୋଲି କଟକ ଭିଜିଲାନ୍ସ କାର୍ଯ୍ୟାଳୟ ତରଫରୁ ଜଣାପଡ଼ିଛି।

## ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୭୫ ଆସନରେ ପଡିଲା ଭୋଟ

### ପଶ୍ଚିମବଙ୍ଗରେ ତୃତୀୟ ଓ ଆସାମରେ ଅନ୍ତିମ ପର୍ଯ୍ୟାୟ ଭୋଟ

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଦେଶର ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଂଚଳ ପାଇଁ ଚାଲିଥିବା ନିର୍ବାଚନରେ ମଙ୍ଗଳବାର ସବୁଠୁ ବଡ ପର୍ଯ୍ୟାୟ ଭୋଟ ପଡିଛି । ମୋଟ୍ ୪୭୫ ଆସନ ପାଇଁ ପଡିଛି ଭୋଟ୍ । ପଶ୍ଚିମବଙ୍ଗ ଓ ଆସାମରେ ତୃତୀୟ ପର୍ଯ୍ୟାୟ ଭୋଟ୍ ପଡୁଥିବା ବେଳେ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଗୋଟିଏ ତଥା ଚୂଡାନ୍ତ ପର୍ଯ୍ୟାୟରେ ମତଦାନ ହୋଇଛି । ପଶ୍ଚିମବଙ୍ଗରେ ୮ଟି ପର୍ଯ୍ୟାୟରେ ମତଦାନ ହେବ, ଯାହା ଏପ୍ରିଲ ୨୯ରେ ଶେଷ ହେବ । ତେବେ ଆସାମରେ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହୋଇଛି । ସମସ୍ତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ମେ' ୨ ତାରିଖରେ ମତଗଣନା ହେବା ସହ ଫଳାଫଳ ପ୍ରକାଶ ପାଇବ । ମଙ୍ଗଳବାର ଭୋଟ ପଡିଥିବା ପଶ୍ଚିମବଙ୍ଗର ୩୧ଟି ଆସନରେ ତୃଣମୂଳ କଂଗ୍ରେସର ଦବଦବା ରହିଛି । ପଶ୍ଚିମବଙ୍ଗରେ ତୃତୀୟ ପର୍ଯ୍ୟାୟ ମତଦାନ ପଶ୍ଚିମବଙ୍ଗର ୩୧ଟି ଆସନ ଲାଗି ତୃତୀୟ ପର୍ଯ୍ୟାୟରେ ମତଦାନ, ଦକ୍ଷିଣ ୨୪ ପ୍ରଗଣାର ୧୬, ହାଓ୍ୱଡାର ୭ ଓ ହୁଗଳିର ୮ଟି ଆସନରେ ଭୋଟିଂ, ୨୦୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ପ୍ରାୟ ୭୮ଲକ୍ଷ ୫୦ହଜାର ଭୋଟର, ଏହି ପର୍ଯ୍ୟାୟରେ ୧୦ ହଜାର ୮୭୧ ବୁଥରେ କଡା ସୁରକ୍ଷା ମଧ୍ୟରେ ଭୋଟିଂ, ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳର ୬୧୮ କମ୍ପାନୀ ମୁତୟନ, ୨୦୧୬ରେ ଟିଏମସି ୩୦ଟି ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଥିଲେ, ଆସାମରେ ବିଜେପିର ହିମନ୍ତ ବିଶ୍ୱ ଶର୍ମା ଓ ବିଜେପି ମୁଖ୍ୟ ରଂଜୀତ କୁମାର ଦାସ ପରି ନେତାଙ୍କ ସହ କଂଗ୍ରେସର ୮ବିଧାୟକ ଓ ବିଜେପିର ୩ବିଧାୟକଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ▶▶ପୃଷ୍ଠା ୭



## ଦିଲ୍ଲୀରେ ଏପ୍ରିଲ ୩୦ ଯାଏଁ ନାଇଟ କର୍ଫ୍ୟୁ ଲାଗୁ

### ରାତି ୧୦ଟାରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ ଲାଗୁ

ଦିଲ୍ଲୀ,୦୬/୦୪ (ନି.ପ୍ର): ଦେଶରେ କାୟା ମେଲାଉଛି କରୋନା ସଂକ୍ରମଣ । ୨୪ ଘଣ୍ଟା ଭିତରେ ୯୬ହଜାର ୯୮୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ୨୪ ଘଣ୍ଟା ମଧ୍ୟରେ କରୋନା କାରଣରୁ ୪୪୬ଜଣଙ୍କର ମୃତ୍ୟୁ ହୋଇଛି । ଆଜିର ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ କୋଟି ୨୬ଲକ୍ଷ ୮୬ହଜାର ୪୯କୁ ବୃଦ୍ଧି ପାଇଛି । ଏମାନଙ୍କ ଭିତରୁ ଏକ କୋଟି ୧୭ଲକ୍ଷ ୩୨ହଜାର ୨୭୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ଦେଶରେ ୭ଲକ୍ଷ ୮୮ହଜାର ୨୨୩ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ସର୍ବାଧିକ ଆକ୍ରାନ୍ତ ସଂଖ୍ୟା ତାଲିକାରେ ଏବେ ବି ମହାରାଷ୍ଟ୍ର ଆଗରେ ରହିଛି । ଅନ୍ୟପଟେ ଦିଲ୍ଲୀରେ ବଢୁଥିବା କରୋନା ସଂକ୍ରମଣକୁ ନଜରରେ ରଖି ଦିଲ୍ଲୀରେ ନାଇଟ କର୍ଫ୍ୟୁ ଲାଗୁ କରାଯାଇଛି । ଏପ୍ରିଲ ୩୦ ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରାଯାଇଥିବାବେଳେ ରାତି ୧୦ଟାରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ ଲାଗୁ କରାଯାଇଛି । ସୂଚନା ଥାଉ କି ଦିଲ୍ଲୀରେ ଦୁଇ ଦିନ ଧରି କରୋନା ପଜିଟିଭଙ୍କ ସଂଖ୍ୟା ୩୫୦୦ ଉପରେ ରହୁଥିବାରୁ ଦିଲ୍ଲୀ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ତେବେ ରାତ୍ରିକାଳୀନ କର୍ଫ୍ୟୁରୁ ଅତ୍ୟାବଶ୍ୟକ ସେବାରୁ ବାଦ ଦିଆଯାଇଛି ।



### ଟଙ୍କପାଣି ରୋଡ଼ର ତରୁ ଆପାର୍ଟମେଂଟ ସିଲ୍

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଏକାଧିକ ବ୍ୟକ୍ତି କୋରାନା ସଂକ୍ରମିତ ହୋଇଥିବା ଚିହ୍ନଟ ହେବାପରେ ବିଏମ୍‌ସି ଟଙ୍କପାଣି ରୋଡ଼ସ୍ଥିତ ତରୁ ଆପାର୍ଟମେଂଟକୁ ସିଲ୍ କରିଛି। ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ୧୦ଦିନ ପାଇଁ ସିଲ୍ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । ଆହୁରି କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍‌କୁ ମାନିବାପାଇଁ ଆପାର୍ଟମେଂଟରେ ରହୁଥିବା ଲୋକମାନଙ୍କୁ କୁହାଯାଇଛି। ଜରୁରୀ ପଡ଼ିଲେ ବିଶେଷକରି ଅଧିକ ଚିକିତ୍ସା ପାଇଁ ଦରକାର ହେଲେ ବିଏମ୍‌ସିକୁ ଜଣାଇବେ ବୋଲି ପରାମର୍ଶ ଦିଆଯାଇଛି।

## ପ୍ରଥମ ଅପେକ୍ଷା ଦ୍ୱିତୀୟ ଲହରୀ ଦ୍ରୁତ ଗତିରେ ସଂକ୍ରମଣ କରୁଛି

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଦ୍ୱିତୀୟ ଲହରୀ ପ୍ରଥମ ଅପେକ୍ଷା ଅଧିକ ଦ୍ରୁତଗତିରେ ସଂକ୍ରମଣ ହେଉଛି। ତେବେ ଆଶ୍ୱସ୍ତିକର କଥା ହେଉଛି ଡେଥ ରେଟ୍ ନାହିଁ । କରୋନା ସଂକ୍ରମଣ ଟିକିଏ କମିବା ପରେ ଲୋକମାନେ ପୁଣି ବେପରୁଆ ହୋଇଗଲେ। କିନ୍ତୁ ଏବେ ସମୟ ଆସିଛି ଲୋକମାନେ ନିଜକୁ ସଚେତନ କରନ୍ତୁ ଏବଂ ଗାଇଡଲାଇନର ଅନୁପାଳନ କରନ୍ତୁ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ସେ ଆହୁରି ମଧ୍ୟ କହିଛନ୍ତି, ଆଜି ଅପରାହ୍ନରେ ୩ଲକ୍ଷ ୪୯ ହଜାର ଟିକା ଓଡ଼ିଶାରେ ପହଂଚିବ। ଯେତିକି ଟିକା ଆସୁଛି ତାହା ୩ ଦିନ ହିଁ ଯିବ। ଯଦି ଅଧିକ ଟିକା ନ ଆସେ, ତେବେ ଆଗକୁ ଟିକାକରଣ ବାଧାପ୍ରାପ୍ତ ହେବର ସମ୍ଭାବନା ରହିଛି। ତେଣୁ ପୁଣି ଥରେ ଆମେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବୁ । ଗତକାଲି ୨ ଲକ୍ଷ ୬୩ ହଜାର ୪୧ ଟିକାକରଣ ହୋଇଛି। ପ୍ରତିଦିନ ୨ଲକ୍ଷ ଟିକାକରଣର ଟାର୍ଗେଟ ରହିଥିଲା।୫ ଦିନରେ ୧୦ ଲକ୍ଷ ଟାର୍ଗେଟ ଥିବା ବେଳେ ଏହା ୧୧ଲକ୍ଷ ପାର କରିଛି। ରାଜ୍ୟରେ ବର୍ତମାନ ୩ଲକ୍ଷ ୪୭ହଜାର କୋଭିସିଲଡ଼ ଟିକା ମହଜୁଦ ଅଛି। ହିଟୱେଭ୍ ପାଇଁ ଟିକାକରଣ ସମୟରେ ପରିବର୍ତନ କରାଯାଇଛି।



## ଏଣିକି ୧୦ ଦିନରେ ମିଳିବ ଆୟ ଓ ସମ୍ପତ୍ତି ପ୍ରମାଣପତ୍ର

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଏଣିକି କମ୍ ଦିନ ଭିତରେ ମିଳିବ ଆୟ ଓ ସମ୍ପତି ସମେତ ବିଭିନ୍ନ ପ୍ରମାଣପତ୍ର । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମଙ୍ଗଳବାର ଦିନ ସବୁ ଜିଲ୍ଲପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବାପାଇଁ ପ୍ରମାଣପତ୍ର ପ୍ରଦାନ ଗାଇଡ୍ ଲାଇନ୍‌ରେ ପରିବର୍ତନ କରିଛନ୍ତି। ନୂତନ ଗାଇଡ୍ ଲାଇନ୍ ଅନୁଯାୟୀ ଏଣିକି ୧୦ଦିନ ଭିତରେ ମିଳିବ ବାସଗୃହ, ଆୟ ଓ ସମ୍ପତିର ପ୍ରମାଣପତ୍ର । ପୂର୍ବରୁ ଏଥିପାଇଁ ୧୫ଦିନ ସମୟ ଲାଗୁଥିଲା । ସେହିପରି ଜାତିଗତ ପ୍ରମାଣପତ୍ର ୩୦ଦିନ ପରିବର୍ତେ ୧୫ଦିନରେ ମିଳିବ । ୩୦ ଦିନ ଭିତରେ ଉତରାଧିକାରୀ, ଅଭିଭାବକ ପ୍ରମାଣପତ୍ର ମିଳିବ। ସମସ୍ତ କ୍ଷେତ୍ର ପାଇଁ ଗୋଟିଏ ଉତରାଧିକାରୀ ପ୍ରମାଣପତ୍ର କାମ ଦେବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

### ଗାଁ ବିବାଦରୁ ଗଡ଼ିଲା ମୁଣ୍ଡ : ଗୋଷ୍ଠୀ ସଂଘର୍ଷରେ ୨ ମୃତ, ୧୦ରୁ ଅଧିକ ଗୁରୁତର; ଗୁରୁତରଙ୍କୁ ଏସସିବି ସ୍ଥାନାନ୍ତର

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଗାଁ ବିବାଦରୁ ଗଡ଼ିଲା ମୁଣ୍ଡ । ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠି ସଂଘର୍ଷ । ଆଠଗଡ଼ ବଡ଼ମ୍ବା ଥାନା ଅନ୍ତର୍ଗତ ଭଗବତପୁର ଏବଂ ବୁଢାପଙ୍କ ଗାଁରେ ବୋମାମାଡ଼ ଓ ଗୁଳିକାଣ୍ଡରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକା ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ପ୍ରଥମେ ମାଣିଆବନ୍ଧ ମେଡ଼ିକାଲ ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ବଡ଼ମ୍ବା ପୋଲିସ ପହଂଚି ତଦନ୍ତ ଜୋରଦାର କରିଛି । ଗାଁ ପାଖ ମୁଣ୍ଡିଆ ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଥିଲା । ଦୀର୍ଘ ଦିନ ଧରି ବିବାଦ ତୁଟିନଥିବା ବେଳେ ଦୁଇ ଗାଁ ମଧ୍ୟରେ ହୋଇଥିବା ଗୋଷ୍ଠି ସଂଘର୍ଷରେ ଆଜି ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଦୁଇ ଜଣ ହେଲେ ଭଗତପୁର ଗାଁ ଅଶ୍ୱିନୀ ପାଳ ଓ ପବିତ୍ର ଆରୁଖ । ଘଟଣା ସ୍ଥଳରେ ଉତେଜନା ଲାଗି ରହିଛି । ୬୫ ନମ୍ବର ଜାତୀୟ ରାଜପଥ ଅବରୋଧ କରି ମୃତଦେହ ରଖି ପ୍ରତିବାଦ କରିଛନ୍ତି ସ୍ଥାନୀୟ ଲୋକେ ।


## ମାଓବାଦୀଙ୍କ କବ୍ଜାରେ ଏବେ ବି ଅଛନ୍ତି ଯବାନ

### ଛତିଶଗଡ ଡିଜି କହିଲେ, ଖୋଜିବା ଲାଗି ଚାଲିଛି ଅପରେସନ

ଛତିଶଗଡ଼,୦୬/୦୪ (ନି.ପ୍ର): ଅନୁମାନ କରାଯାଉଛି ମାଓବାଦୀଙ୍କ ଗହଣରେ ବନ୍ଦୀ ଅବସ୍ଥାରେ ଥାଇପାରନ୍ତି ନିଖୋଜ ଯବାନ ରାକେଶୋର ସିଂ ମନହସ । ତାଙ୍କୁ ଉଦ୍ଧାର କରିବା ପାଇଁ ଏବେ ଚାଲିଛି ସର୍ଚ୍ଚ ଅପରେସନ । ଲାଲବାହିନୀ ତାଙ୍କୁ ଅପହରଣ କରିନେଇଥିବା ଗଣମାଧ୍ୟମରୁ ଜାଣିଥିବା କହିଛନ୍ତି ବସ୍ତର ଆଇଜି ପି. ସୁନ୍ଦରରାଜ । କାରଣ ବିଜାପୁର ଜୋନାଗୁଡା ଜଙ୍ଗଲରେ ନକ୍ସଲଙ୍କ ନରସଂହାର ପରେ ସିଆର୍ପିଏଫ୍ ଯବାନ ରାକେଶୋର ସିଂ ମନହସଙ୍କ ପତ୍ତା ମିଳୁନାହିଁ । ଆଉ ଏହାରି ଭିତରେ ସିପିଆଇ ମାଓଇଷ୍ଟ ସଂଗଠନ ପ୍ରେସ ବିବୃତି ଜାରି କରିଛି । ସୋମବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିଜାପୁର ଗସ୍ତ ପରେ ଏହି ପ୍ରେସ ବିବୃତି ଜାରି କରିଛି ସିପିଆଇ ମାଓଇଷ୍ଟ ସଂଗଠନ । ଏଥିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବୟାନକୁ ନିନ୍ଦା କରାଯାଇଛି । ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କହିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଯବାନଙ୍କ ମୃତ୍ୟୁ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ନର୍ଥବ୍ଲକକୁ ଦାୟୀ କରିଛି ସିପିଆଇ ମାଓବାଦୀ ସଂଗଠନ । ଅନ୍ୟପଟେ ସହିଦ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇ ସେମାନଙ୍କ ଲଢେଇ ସରକାରଙ୍କ ବିରୋଧରେ, ସୁରକ୍ଷା କର୍ମୀଙ୍କ ବିରୋଧରେ ନୁହେଁ ବୋଲି କୁହାଯାଇଛି । ଛତିଶଗଡର ବିଜାପୁରରେ ମାଓବାଦୀମାନେ ରକ୍ତର ହୋଲି ଖେଳିବା ପରେ, ସାରା ଦେଶ ଦୋହଲି ଯାଇଛି । ଆଉ ଏକ ବଡ ସମସ୍ୟା ହେଉଛି, ଜଣେ ଯବାନ ସେମାନଙ୍କ କବଜାରେ ଅଛନ୍ତି ।

## ଆଜିଠୁ ବଢ଼ିବ ତାତି

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଆସନ୍ତାକାଲି (ବୁଧବାର)ଠାରୁ ରାଜ୍ୟରେ ପୁଣି ତାତି ବଢ଼ିବ। ୨/୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ। ବିଶେଷ କରି ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର , ଦେବଗଡ, ଅନୁଗୁଳ, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ, ବଲାଙ୍ଗୀର , ନୂଆପଡା ଓ ନରବଙ୍ଗପୁର ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବ। ତେବେ ୮ ତାରିଖରୁ ୧୧ ତାରିଖ ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ବଜ୍ରପାତ ,କାଳବୈଶାଖୀ ବର୍ଷା ସହ ଘୂର୍ଣ୍ଣିଝଡ ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବୁଧବାର ଓ ଗୁରୁବାର ଦୁଇ ଦିନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୮ ତାରିଖରୁ ୯ ତାରିଖ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଗଞ୍ଜାମ, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ▶▶ପୃଷ୍ଠା ୭



## ବିଜେପିର ୪୧ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୦୬/୦୪ (ନି.ପ୍ର): ବିଜେପିର ୪୧ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସର ଭିତରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଦଳୀୟ ପତାକା ଉତୋଳନ କରିବା ସହ ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।ଏହି ଅବସରରେ ସେ କହିଥିଲେ ଯେ ଦୀର୍ଘ ୪୧ ବର୍ଷର ଯାତ୍ରା ଏକ ସଂଘର୍ଷ ପୂର୍ଣ୍ଣ ଯାତ୍ରା ଥିଲା । ଏହି ସମୟ ମଧ୍ୟରେ ସଙ୍ଗଠନର ସମସ୍ତ ମହାନ ବ୍ୟକ୍ତିତ୍ୱ ଯିଏ ନିଜକୁ ଦେଶ ପାଇଁ ଓ ଦଳକୁ ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ରୂପେ ଗଢି ତୋଳିଛନ୍ତି, ସେହି ମହାମନିଷୀମାନଙ୍କୁ କୋଟି କୋଟି ପ୍ରଣାମ ଜଣାଇବା ସହ ସେମାନଙ୍କ ତ୍ୟାଗ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ଏବଂ ଆମ ସମସ୍ତଙ୍କୁ ପ୍ରେରଣା ଦେଉଥିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ଅବସରରେ ବିଜେପିର ୩ ଜଣ ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ସଜ୍ଜନ ଶର୍ମା ଓ ସୁବାଷ ଗନ୍ତାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଶାରେ ବିଜେପିକୁ ଯେପରି ଜନ ସମର୍ଥନ ମିଳୁଛି ତାହା ଅତ୍ୟନ୍ତ ଉତ୍ସାହଜନକ। ଉତ୍କଳ ଜନନୀର ସେବା କରିବା ପାଇଁ ଆମକୁ ସୁଯୋଗ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଦେଶବାସୀଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି । ବିଜେପିର ମୂଳ ବିଚାର ହେଉଛି ରାଷ୍ଟ୍ର ସର୍ବପ୍ରଥମ, ପରେ ଦଳ ଏବଂ ତାପରେ ବ୍ୟକ୍ତି। ଆଗାମୀ ଦିନରେ ଓଡିଶାବାସୀଙ୍କ ଜନସମର୍ଥନ ପାଇ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ବିଜେପି କାର୍ଯ୍ୟକର୍ତାମାନେ ଆଜିର ଦିନରେ ସଂକଳ୍ପ ନେବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । 'ସେବା ହିଁ ସଙ୍ଗଠନ' ସଂକଳ୍ପ ନେଇ ବିଜେପିର ସମସ୍ତ କାର୍ଯ୍ୟକର୍ତା ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି । ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଓ ଧନ୍ୟବାଦର ପାତ୍ର । ଦଳକୁ ଆହୁରି ଆଗକୁ ନେବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ଏମିତି ଜାରି ରହିଥାଉ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ▶▶ପୃଷ୍ଠା ୭

# ସୁଧାକର ନନ୍ଦଙ୍କ 'ସମୟ କଷଟିରେ ମୋ ଜୀବନ' ଲୋକାର୍ପିତ



ଭଦ୍ରକ,୬।୪(ହି.ସ): ଗୋଟିଏ ଜାତିର ସମକାଳୀନ ଇତିହାସ ରଚନା ନିତାନ୍ତ ଆବଶ୍ୟକ ନହେଲେ ସେ ଜାତି ସମଗ୍ର ବିଶ୍ୱରେ ଅଚିହ୍ନା ହୋଇ ରହିଯିବ । ଆତ୍ମ ଜୀବନୀ ସହ ସମୟ ଓ ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରଖ୍ୟାତ ନାଟ୍ୟକାର ତଥା ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱ ସୁଧାକର ନନ୍ଦଙ୍କ ଆତ୍ମଚରିତ 'ସମୟ କଷଟିରେ ମୋ ଜୀବନ' ଆଗାମୀ ରାଜନୈତିକ ବ୍ୟକ୍ତିତ୍ୱ, ଐତିହାସିକ ତଥା ଉତ୍ତର ପିଢ଼ିଙ୍କୁ ଅନେକ ଶିକ୍ଷା ଓ ପ୍ରେରଣା ଆଣି ଦେବ ବୋଲି ଭଦ୍ରକ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ 'ଜଗତ ଜନନୀ' ପତ୍ରିକା ପରିବାର ଆନୁକୂଲ୍ୟରେ ଭଦ୍ରକ ସହର ଶହୀଦ୍ ସ୍ମୃତି ଭବନ ଠାରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ରାଜ୍ୟ ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକର ଲୋକାର୍ପଣ କରିଥିଲେ । ଉକ୍ତ ଉତ୍ସବରେ ଭଦ୍ରକର ସାଂସଦ ମଞ୍ଜୁଲତା ମଣ୍ଡଳ, ରାଜ୍ୟସଭା ସାଂସଦ ତଥା ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ଇଂ ଅଖିଳ ପାଢ଼ୀ, ଜଗତଜନନୀର ପ୍ରକାଶିକା ଚିନ୍ମୟୀ ନନ୍ଦ, ଜାନକୀ ନନ୍ଦ, ଆଡଭୋକେଟ ତଥା ରୋଟାରିଆନ ଅତିସ୍ କୁମାର ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦିବସବ୍ୟାପୀ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଉତ୍ସବକୁ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଲେଖକ ସାମ୍ମୁଖ୍ୟର ସମ୍ପାଦକ ଅଧ୍ୟାପକ ନୀହାର ରଂଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଲେଖକ ସୁଧାକର ନନ୍ଦ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବା ବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ, କାର୍ଯ୍ୟକାରୀ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ଏବଂ ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କବୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସାମ୍ବାଦିକ ରବିନାରାୟଣ ଖିଲାର, ସନିଆ ନନ୍ଦ, ସସ୍ମିତା ନନ୍ଦ, ସୁବାସିନୀ ନନ୍ଦ, ସ୍ମରଣିକା ନନ୍ଦ, ସୁକ୍ଷଣିକା ନନ୍ଦ, ସମାପିକା ନନ୍ଦ, ସମୀର ନାରାୟଣ ମିଶ୍ର, ସ୍ୱନ୍ଦନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉତ୍ସବରେ ପୂର୍ବତନ ବିଧାୟକ ଅରୁଣ ଦେ, କଥାକାର ପବିତ୍ର ପାଣିଗ୍ରାହୀ, ଗୀତିକାର ଓ ଶିଶୁ ସାହିତ୍ୟିକ ପୀତାମ୍ବର ମିଶ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଳୟ କୁମାର ଜେନା, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ନାଟ୍ୟକାର ସୁଧାଂଶୁ ନାୟକ, ଅରୁଣ କୁମାର ବାରିକ, ମିହିର କୁମାର ମେହେର, ଚିତ୍ରଶିଳ୍ପୀ ଚୁଡ଼ାମଣି ଦାସ, ଅଶୋକ କୁମାର ମହାନ୍ତି, ପଣ୍ଡିତ ଦୈତାରୀ ମହାପାତ୍ର, ଅଚ୍ୟୁତାନନ୍ଦ ସାମଲ ଓ କାହ୍ନୁଚରଣ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ଣରେ ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡ. ଉପେନ୍ଦ୍ର ପ୍ରସାଦ ନାୟକ, କବି ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ, ଅଭିଯାନର ସମ୍ପାଦକ ଶମ୍ଭୁନାଥ ଦାସ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲ୍ଲା ସଭାପତି ରବି ନାରାୟଣ ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କବିତା ପାଠୋତ୍ସବକୁ କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର, ଇଂ ସତ୍ୟ ପ୍ରକାଶ ସେଠୀ, କବୟିତ୍ରୀ ରଶ୍ମିତା ଦାଶ, ପ୍ରୀତିଲତା ପଣ୍ଡା, ଅଧ୍ୟାପିକା ଡ. ମମତା ସାହୁ ସଂଯୋଜନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ କବିତା ପାଠୋତ୍ସବରେ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାପିକା କବି ଡ. ପ୍ରଭାତ ନଳିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କବିତା ପାଠୋତ୍ସବରେ ଉଷାରାଣି ଜେନା ପ୍ରଥମ, ନାଟ୍ୟଶ୍ରୀ ନିର୍ମଳ ରାଉତ ଦ୍ୱିତୀୟ, ମନୋଜ ପଣ୍ଡା ଓ ଶ୍ରାବଣୀ ଦାସ ଯୁଗ୍ମ ତୃତୀୟ ହୋଇଥିବା ବେଳେ କବୟିତ୍ରୀ ବସନ୍ତ ମିଶ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । କବିତା ପାଠର ବିଚାରକ ଭାବେ କବୟିତ୍ରୀ ଗୀତାରାଣି ଆଇଚ, ବିଜୟ କୁମାର ବହଳୀ, ବିଦ୍ୟାଧର ମହାପାତ୍ର ଯୋଗ ଦେଇଥିଲେ । ପରିଶେଷରେ ସୁଧାକର ନନ୍ଦଙ୍କ ରଚିତ ବାଦଲ ସିକ୍‌ଦାରଙ୍କ ନିର୍ଦ୍ଦେଶିତ ନାଟକ 'ଲୋତକାଞ୍ଜଳି' ଗୌରାଙ୍ଗ ଚରଣ ବାରିକଙ୍କ ପରିଚାଳନାରେ ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଲେଖକ ସାମ୍ମୁଖ୍ୟର ସଂଗଠନ ସମ୍ପାଦକ ଚର୍ଚ୍ଚିକା ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ ।

# ପାଣିକୋଇଲି ମେଳଣ ଉତ୍ସବ ଉଦ୍‌ଯାପିତ

କୋରେଇ,୬।୪ (ନି.ପ୍ର): ଚଳିତ ବର୍ଷ କରୋନା କଟକଣା ଯୋଗୁ ଚଳିତ ବର୍ଷ କେବଳ ବିଧି ରକ୍ଷାରେ ପାଣିକୋଇଲି ମେଳଣ ଉତ୍ସବ ଉଦଯାପିତ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ଯୋଗୁ ଲୋକମାନେ ମଧ୍ୟ ଉତ୍ସବରେ ଯୋଗଦେଇନାହାନ୍ତି । ପାଣିକୋଇଲି ବଜାରର ୪ ଦିଗରୁ ପାଣିକୋଇଲି ଥାନପତି ଗୋପିନାଥ ଜୀଉ, କାଜିପାଟଣା ରାଧାକାନ୍ତ ଜୀଉ, ପଥରପଦା ମଦନମୋହନ ଜୀଉ ଓ ଅଳତିରି ରାଧାକାନ୍ତ ଜୀଉ ସଂକିର୍ତ୍ତନ ମାଧ୍ୟମରେ ବିଜେ କରିଥିଲେ । ଚାରି ଠାକୁରଙ୍କ ବିମାନ ତାରିଣୀ ମନ୍ଦିର ସମ୍ମୁଖରେ ପହଂଚିବା ପରେ କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲାଗି କରାଯିବା ପରେ ବିଦାକି ଦେଇ ଚଳିତ ବର୍ଷ ପାଇଁ ବିଦାୟ ଦିଆଯାଇଥିଲା । ଏହି ମିଳନ କାର୍ଯ୍ୟକ୍ରମକୁ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ କୁମାର ବେହେରା, ମଦନମୋହନ ବେହରା, ମଧୁସୂଦନ ସାହୁ, ଶ୍ୟାମସୁନ୍ଦର ବାରିକ, ଶ୍ରୀଧର ଦାସ, ପିତବାସ ବେହେରା ପ୍ରମୁଖ ପରିଚଳନା କରିଥିବା ବେଳେ କମିଟି ପକ୍ଷରୁ ଅଦୈତ ଚରଣ ଦାଶ, ଗଙ୍ଗାଧର ସାହୁ, ଘନଶ୍ୟାମ ପଣ୍ଡା, ଅଜୟ ମଲ୍ଲିକ, ନିମାଇଁ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ଅଶୋକ ପଣ୍ଡା, ଗଣେଷ ମଲ୍ଲିକ, ରଘୁନାଥ ମାଝୀ, ବାବାଜି କବି, ସେମାନାଥ ନାୟକ, ନାରାୟଣ ଦଳାଇ, ବିନାୟକ ପଣ୍ଡା, ଦେବଦତ ପଣ୍ଡା, ରାଧାଶ୍ୟାମ ସାହୁଙ୍କ ସମତେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ୧ କୋଟି ୩୦ ଟଙ୍କାର ଗଞ୍ଜେଇ ଜବତ କଲା ଜୟପୁର ସଦର ପୋଲିସ

ଜୟପୁର,୬।୪ (ନି.ପ୍ର): ବାହାର ରାଜ୍ୟ କୁ ଗଞ୍ଜେଇ ଚାଲାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରିଛି । ଏହି ମାମଲାରେ କାହାକୁ ଗିରଫ କରିନଥିବା ବେଳେ ୧ କୋଟି ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି । ପୋଲିସ ସୁତ୍ରରୁ ପ୍ରକାଶ ଯେ, ଜାତୀୟ ରାଜପଥ ୨୬ ର ଜୟପୁର ଘାଟି ସ୍ଥିତ ଶିବ ମନ୍ଦିର ଜଙ୍ଗଲରେ ୨ ଜଣ ଗଞ୍ଜେଇ ମାଫିଆ ଚନ୍ଦ୍ରୁ ବାଘ, କାଂଚିକ ଲାମା ଜଲାପୁଟରୁ ଗଞ୍ଜେଇ ଆଣି ଏକ ନମ୍ବର ବିହିନ ବୋଲେରୋ ପିକଅପ ରଖି ଅପେକ୍ଷା କରିଥିଲେ । ସେହି ସମୟରେ ଏକମ୍ବାର ଲଳିତ ହରିଜନ ଏକ ନମ୍ବର ବିହିନ ସ୍କୁଟିରେ ଯାଇ ଗଞ୍ଜେଇ ଆଣି ଅନ୍ୟ ବାହାର ରଜ୍ୟକୁ ଚାଲାଣ କରିବାକୁ ଉଦ୍ୟମ କରିଥିଲା । ବିଶେଷ ସୁତ୍ରରୁ ଖବର ପାଇ ଜୟପୁର ସଦର ପୋଲିସ ଚଢ଼ାଉ କରିଥିଲା । ଚାଲାଣକାରି ମାନେ ପୋଲିସକୁ ଦେଖି ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରେ ଗଞ୍ଜେଇ ଭର୍ତ୍ତି ବଲେରୋ ଗାଡ଼ି ଓ ସ୍କୁଟି ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ । ପରେ ପୋଲିସ ଯାଂଚ ପରେ ୧୩୪୪ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କା ହେବ । ଏମାନଙ୍କ ନାମରେ ୬୧/ ୨୧ ମାମଲା ରୁଜୁ କରି ଚମ୍ପଟ ମାରିଥିବା ଅଭିଯୁକ୍ତ କୁ ଧରିବା କୁ ଉଦ୍ୟମ କରୁଥିବା ସଦର ଥାନା ଅଧିକାରି ଅଦିତ୍ୟ ମହାକୁଡ ସୁଚନା ଦେଇଛନ୍ତି ।

# ମଜୁରି ଦେବା ନେଇ ଶ୍ରମ ବିଭାଗର ଦ୍ୱାରସ୍ଥ ହେଲେ ଶ୍ରମିକ

ଜୟପୁର,୬।୪ (ନି.ପ୍ର): ଜୟପୁର ଜିଲା ଶ୍ରମ ଅଧିକାରି ଙ୍କ ନିକଟରେ ଶ୍ରମିକ ମାନେ ଦ୍ୱାରସ୍ଥ ହୋଇଛନ୍ତି । ସମାଜ ସେବି ବି. ହରିବାବୁଙ୍କ ନେତୃତ୍ୱରେ ଆଜି ଜିଲା ଶ୍ରମ ଅଧିକାରି ପ୍ରସନ୍ନ ପାଣିଗ୍ରାହୀଙ୍କ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବୋରିଗୁମ୍ମା ବ୍ଲକର ସର୍ଗିଗୁଡା ଗ୍ରାମ ପଂଚାୟତ ଗରିବ ଦୈନିକ ଶ୍ରମିକଙ୍କ ଜୟପୁର ବ୍ଲକ ଆମ୍ବଗାଡା, ବିଜେ-୨ର ତୁଷାର ସାହୁ ଠିକାଦାର ବଡ ଦୁବୁଲି ଗ୍ରାମରେ ପିଚୁ ରାସ୍ତା ନିର୍ମାଣ କରିବାକୁ ଆସି ଉକ୍ତ ଗ୍ରାମର ଦିନ ମଜୁରିଆକୁ ଡାକି ରାସ୍ତା କାମ କରାଇଲେ । ଏକ ସପ୍ତାହ ଧରି କାମ କରାଇବା ପରେ ମଜୁରି ଦେବାକୁ ଟାଳ ଟୁଳ କରି ଆଜିକୁ ୨ ମାସ ହେବ ବୁଲାଉଛନ୍ତି । ତାହା ଠିକାଦାର ଆଜି କାଲି ବୋଲି ବୁଲାଉଛନ୍ତି । କୋଭିଡ ସମୟରେ ଦିନ ମଜୁରିଆଙ୍କ ଗୁଜୁରାଣମେଂଟାଇବା କଷ୍ଟକର ହୋଇ ପଡିବା ସମୟରେ ପ୍ରାୟ ୧୫ ଜଣ ଦୈନିକ ଗରିବ ଶ୍ରମିକ ଙ୍କ ମଜୁରି ଦେବାକୁ ଦାବି ହୋଇଛି । ଶ୍ରମିକ ଦଷୁ ଗୌଡ, ପାର୍ବତି ଗୌଡ, ଖିଲ ତମା ଗୌଡ, କମଳା ଗୌଡ, ଚମ୍ପା ଗୌଡ, କୁସୁମା ଗୌଡ ଭଳି ୧୫ ଜଣକୁ ମଜୁରି ଦେବାକୁ ଦାବୀ ହୋଇଛି । ଏନେଇ ମଜୁରି ନ ଦେବାର କରାଣ କଣ ବିଭାଗ ତରଫରୁ ବୁଝାଯିବ ଓ ମଜୁରି ଦେବାର ବ୍ୟବସ୍ଥା କରାଯିବା ବୋଲି ଶ୍ରମ ବିଭାଗ ତରଫରୁ ସୁଚନା ଦିଆଯାଇଛି ।

# ବିଭିନ୍ନ ଦାବି ନେଇ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଆଗରେ ନାରୀ ନେତ୍ରୀ ସ୍ମୃତିରେଖା ପହିଙ୍କ ଗଣବିକ୍ଷୋଭ

ଧର୍ମଶାଳା,୬।୪ (ନି.ପ୍ର): ବିଭନ୍ନ ବାଦବିବାଦକୁ ନେଇ ଯାଜପୁର ଜିଲା ଧର୍ମଶାଳା ତହସିଲ ଚର୍ଚ୍ଚାରେ ରହି ଆସୁଛି । ଯାହାକୁ ନେଇ ଅନେକ ସମୟରେ ରାଜ୍ୟ ରାଜନୀତିରେ ଓ ବିଧାନସଭାରେ ଆଲୋଚନା ହେଉଛି । ଏହି ବିବାଦରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଙ୍କ ସହ ଧର୍ମଶାଳା ତହସିଲ ନାମ ଚର୍ଚ୍ଚାରେ ରହିଆସୁଛି । ବିଭିନ୍ନ ଦାବି ନେଇ ଆଜି କଂଗ୍ରେସ ମୁଖପାତ୍ର ତଥା ଧର୍ମଶାଳାର ନାରୀ ନେତ୍ରୀ ସ୍ମୃତିରେଖା ପହି ଆଜି ତାଙ୍କର ଶତାଧିକ ସମର୍ଥକଙ୍କ ଉପସ୍ଥିତିରେ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆଜି ଅପରାହ୍ନରେ ଜାରକାସ୍ଥିତ ମହୋତ୍ସବ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ କରିଥିଲେ । ଲଘୁ ଖଣି ପଦାର୍ଥ ଚୋରା ଚାଲାଣ,ବନ୍ୟାକ୍ଷତି ପୂରଣ ପାଇବାରୁ ବଂଚିତ ଚାଷୀଙ୍କୁ ତୁରନ୍ତ କ୍ଷତି ପୁରଣ ଦାବି,ଖଣିଜ ପଦାର୍ଥ ଓ ସରକାରୀ ଚସ୍ ଆବଶ୍ୟକ ପରିମାଣଠାରୁ ଅଧିକ ଉତୋଳନ ନ କରିବା,ଭୂମିହୀନମାନଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ,ଘାଇ ଅଂଚଳରେ ଥିବା ଜମିରୁ ବାଲିଚରକୁ ପୁନଃରୁଦ୍ଧାର,ବ୍ରାମ୍ହଣୀ ଓ କେଲୁଅ ନଦୀ ଅବବାହିକାରୁ ବାଲି ଉତୋଳେନ ବନ୍ଦ ଆଦି ଦାବି ନେଇ ଏକ ଦାବି ପତ୍ର ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟ ଓ ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ ଏହି ଦାବି ପତ୍ର ଗ୍ରହଣ କରିଥିଲେ । କଂଗ୍ରେସ ସଭାପତି ବନମାଳୀ ରାଉତ,ବିଭୂତିଭୂଷଣ ଜେନା, ହିମାଂଶୁ ମହାପାତ୍ର,ଏସ କେ ଅଲ୍ଲୀ, ସୁଶାନ୍ତ ନାୟକ, ଅଜ୍ଜୁନ ନାୟକ, ଅଚ୍ୟୁତାନନ୍ଦ ଜେନା, ତପନ ମାହୁନ୍ତ,ମୁଲା ମହମ୍ମଦ, ଦିଲିପ ପ୍ରଧାନ, ନିତ୍ୟାନନ୍ଦ ବିଶ୍ୱାଳ, ସଦାନନ୍ଦ ସାମଲ, ସୁଶାନ୍ତ ମଲ୍ଲିକ, ସୁମିତ୍ରା ଦାସ, ମାଧବୀ ସିଂ, ରବିନାରାୟଣ ଗିରି,ସ୍ୱାଧୀନ ବରାଳ, ସନ୍ତୋଷ ପଣ୍ଡା ଓ ଆକାଶ ଦାସ ପ୍ରମୁଖ ବିକ୍ଷୋଭପ୍ରଦର୍ଶନ କରି ବିଭିନ୍ନ ଦାବି ନେଇ ସରକାରଙ୍କୁ ସମାଲୋଚନା କରିଥିଲେ ।

# ଜିଲ୍ଲା କୋଭିଡ ହସପିଟାଲ ପରିଦର୍ଶନ କଲେ ସିଡିଏମଓ

ଜୟପୁର,୬।୪ (ନି.ପ୍ର): କରୋନାର ଦ୍ୱିତୀୟ ଲହରି ସତର୍କ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏମିତିକି କୋରାପୁଟ ଜିଲା ସମେତ ୧୦ଟି ଜିଲା ନାଇଟ କର୍ଫ୍ୟୁ ଲାଗୁ କରିଛନ୍ତି । ଏଥି ସହ କୋଭିଡ ନିୟମକୁ କଡା କଡି ପାଳନ କରିବା ପାଇଁ ନିର୍ଦ୍ଦେଷ ମଧ୍ୟ ଜାରି କରାଯାଇଛି । ଯଦିଓ କୋରାପୁଟ ଜିଲାରେ କରୋନାର ଗ୍ରାଫ ତଳକୁ ରହିଛି ତଥାପି ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହିତ ଜୟପୁର ସ୍ଥିତ କୋଭିଡ ହସପିଟାଲକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି କୋରାପୁଟ ସିଡିଏମଓ ଡାକ୍ତର ମକରନ୍ଦ ବେଉରାଙ୍କ ନେତୃତ୍ୱରେ ଏକ ଟିମ ଜୟପୁର ରେ ପହଂଚି କୋଭିଡ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ୧୫୦ ବିଷିଷ୍ଟ ଚିକିତ୍ସାଳୟକୁ ଯେକୌଣସି ମୁହୁର୍ତ୍ତରେ କାର୍ଯ୍ୟକାରି କରାଯିବ । ଏଥି ପାଇଁ ଭିତି ଭୁମି ସମସ୍ୟା ରହିଛି ତାହାର ତଦା ରଖ କରି ତରୁନ୍ତ ସମସ୍ୟାର ସମଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡ ଧିରେ ଧିରେ ବଢ଼ିବାରେ ଲାଗିଛି । ଏ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଭିଡ ହସପିଟାଲ ଓ କୋଭିଡ କେୟାର ସେଂଟରକୁ ପ୍ରସ୍ତୁତ କରି ରଖିବା ପାଇଁ କୁହାଯାଇଛି । ଜୟପୁର କୋଭିଡ ଜିଲା ଚିକିତ୍ସାଳୟରେ ୧୫୦ ବେଡ ଚିକିତ୍ସାଳୟର କେତେକ ଭାଙ୍ଗି ଯାଇଛି ଓ କେତେକ ମରାମତି ଦରକାର, ସଫା ସୁତରା କରାଯାଇଛି । ୫ ଟି ଆଇସିୟୁ ବ୍ୟବସ୍ଥା କରାଯାଇଛି । ଆବଶ୍ୟକୀୟ ଆଇସିୟୁ ଦରକାର ପଡିଲେ ସରକାରଙ୍କୁ ଜଣାଯିବ । ଆବଶ୍ୟକ ଔଷଧ ମହଜୁତ ରହିଛି । ଗତ ମାସ ମାର୍ଚ୍ଚରେ ୩୨ ଜଣ ରୋଗି କୋରାପୁଟ ଜିଲାରେ ଚିହ୍ନଟ ହୋଇଥିବା ବେଳେ ଚଳିତ ମାସରେ ଦୈନିକ ୨ରୁ ୪ ରୋଗୀ ଚିହ୍ନଟ ହେଉଛନ୍ତି । ଜିଲାରେ ଭୟର ବାତାବରଣ ନାହିଁ । କିନ୍ତୁ ଆଗୁଆ ସତର୍କ ରହିବାକୁ ନିର୍ଦ୍ଦେଶ ରହିଛି । ତେଣୁ କୋଭିଡ ଜିଲା ଚିକିତ୍ସାଳୟ କୁ ପ୍ରସ୍ତୁତ କରି ରଖାଯିବ । ସିଡିଏମଓ ଙ୍କ ପରିଦର୍ଶନ ସମୟରେ ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଂଟ ରବିନ୍ଦ୍ର ନାଥ ମିଶ୍ର, ଡାକ୍ତର ଆଶିଷ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଡାକ୍ତର ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ । ଏହାପରେ ସିଡିଏମଓ ଶ୍ରୀ ବେଉରା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଜଗଧାତ୍ରିପୁର ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ପ୍ରଥାମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦିଆଯାଉଥିବା କୋଭିଡ ଟିକାର ସମୀକ୍ଷା କରିଥିଲେ ଓ ରୋଗୀଙ୍କ ସହ ଆଲୋଚନା କରି ଫେରିଛନ୍ତି ।

# ବିଜୁଳି ଦର ବୃଦ୍ଧି ପ୍ରତିବାଦରେ ଭଦ୍ରକ ଜିଲ୍ଲା କଂଗ୍ରେସର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ



ଭଦ୍ରକ,୬।୪(ହି.ସ):ରାଜ୍ୟ ସରକାର ଏପ୍ରିଲ ୨ ତାରିଖରୁ ବିଦ୍ୟୁତ ଦର ୟୁନିଟ ପିଛା ୩୦ ପଇସା ବୃଦ୍ଧି କରିଛନ୍ତି । ଯାହାକୁ ଘୋର ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ରାଜଘାଟ ଛକ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କରୋନା କାଳରେ ଓଡ଼ିଶାବାସୀ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଥିବା ବେଳେ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ, ଖାଇବା ତେଲ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରୁଥିବା ସମୟରେ ଓଡ଼ିଶା ସରକାରଙ୍କର ବିଦ୍ୟୁତ ଦରବୃଦ୍ଧି ଭଳି ଅପରିଣାମଦର୍ଶୀ କାର୍ଯ୍ୟ, ବୋଝ ଉପର ଲଳିତା ବିଡ଼ା ସଦୃଶ ହୋଇଛି ବୋଲି ସଭାପତି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଦ୍ୟୁତ୍ ବିଭାଗ ଦାୟିତ୍ୱ ଟାଟା ବିଦ୍ୟୁତ୍ ବିତରକ ସଂସ୍ଥା ହାତକୁ ନେବା ପରଠାରୁ ଗତ ୭ ମାସ ମଧ୍ୟରେ ୨ ଥରରେ ୫୦ ପଇସା ୟୁନିଟ ପିଛା ଦରବୃଦ୍ଧି ହୋଇଛି । ଓଡ଼ିଶା ବିଦ୍ୟୁତ ଆମଦାନୀକାରୀ ରାଜ୍ୟ ଭାବେ ପରିଚିତ । ଏଠାରେ କୋଇଲା ଓ ପାଣି ଶସ୍ତା ଓ ସୁବିଧାରେ ମିଳିଥାଏ । ଜଳ ବିଦ୍ୟୁତ ଉତ୍ପାଦନ ଖର୍ଚ୍ଚ ଖୁବ୍ କମ୍ ହୋଇଥିବା ବେଳେ ବିଦ୍ୟୁତ ଉତ୍ପାଦନର କ୍ରୟମୂଲ୍ୟ ୟୁନିଟ ପିଛା ମାତ୍ର ୩୦ ପଇସା ହୋଇଥାଏ । ଅଥଚ ବିଦ୍ୟୁତ ଶୁଳ୍କ, ବିଦ୍ୟୁତ କର ସବୁକୁ ମିଶାଇ ୨୦୦ ୟୁନିଟ ବ୍ୟବହାର କରୁଥିବା ପ୍ରତ୍ୟେକ ଉପଭୋକ୍ତା ୟୁନିଟ ପିଛା ୫ଟଙ୍କା ୬୦ ପଇସା ଓ ୪୦୦ ୟୁନିଟ ବା ତଦୁର୍ଦ୍ଧ୍ୱ ବିଦ୍ୟୁତ ବ୍ୟବହାର ପାଇଁ ୟୁନିଟ ପିଛା ୬ଟଙ୍କା ୨୦ ପଇସା ଦେବାକୁ ହେଉଛି । ଏହା ପ୍ରତ୍ୟେକ ଉପଭୋକ୍ତାଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ ବୋଲି ଶ୍ରୀ ଦାସ କହିଥିଲେ । ତୁରନ୍ତ ରାଜ୍ୟ ସରକାର ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର କରନ୍ତୁ ନଚେତ କଂଗ୍ରେସ ଦଳ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଦାସ ଚେତାବନୀ ଦେଇଥିଲେ । ପରେ ନବୀନ ପଟ୍ଟନାୟକଙ୍କ କୁଶପୁତଳା ଦାହ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭ ସଭାରେ ବାସୁଦେବପୁର ନେତା ଅଶୋକ ଦାସ, ଭଦ୍ରକ ନେତା ନଳିନୀ ମହାନ୍ତି, ଚାନ୍ଦବାଲି ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଯେନା, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଦିଲିପ ନାୟକ, ପୀତବାସ ଧଳ, ବୈଲୋଚନ ପଣ୍ଡା, ନରନାରାୟଣ ଜେନା, ରମେଶ ନାୟକ, ଅସ୍‌ରଫ୍ ଅଲୀ ଖାନ, ସେକ୍ ସମଦାନୀ, କ୍ରିଷ୍ଣା ମହାନ୍ତି, ନିରଞ୍ଜନ ପଲେଇ, ଅବଦୁଲ ମୋକିତ୍ ଖାଁ, ବିଜୟ ବାରିକ, ରଜନୀକାନ୍ତ ଚାନ୍ଦ, କିଣ୍ଡୁରାମ ଜେନା, ମମତା ନାୟକ, ନିରଞ୍ଜନ ମଲ୍ଲିକ, ରାଜନ ଲାହା, ଅଜୟ ଦାସ, ପ୍ରଦ୍ୟୁମ୍ନ ଦାସ, ଛାୟାକାନ୍ତ ନନ୍ଦ, ରବି ରାୟ ପ୍ରମୁଖ ଯୋଗ ଦେଇଥିଲେ ।

# କୋଭିଡ଼-୧୯ କଟକଣା ମଧ୍ୟରେ ୩ ଦିନିଆ ଛଉନୃତ୍ୟ ପ୍ରଦର୍ଶନ ନିମନ୍ତେ ଅନୁମତି ନ ମିଳିଲେ ଭଞ୍ଜସେନା ରାଜରାସ୍ତାକୁ ଉହ୍ଲାଇବାର ଚେତାବନୀ

ବାରିପଦା,୬।୪ (ନି.ପ୍ର): ବିଶ୍ୱ ସଂସ୍କୃତିକୁ କୋଣାର୍କର କଳା ସ୍ଥାପତ୍ୟ ଯେପରି ଏକ ମହତ୍ୱପୂର୍ଣ୍ଣ ଅବଦାନ, ସେହିପରି ଭାରତୀୟ ସଂସ୍କୃତି ପ୍ରତି ମୟୂରଭଞ୍ଜର ଛଉନୃତ୍ୟ ଏକ ମହନୀୟ ଅବଦାନ ରୂପେ ସ୍ୱୀକୃତ । ସେହିପରି ଶିମିଳିପାଳ ଅଭୟାରଣ୍ୟ ଓ ଛଉନୃତ୍ୟ ମୟୂରଭଞ୍ଜକୁ ବିଶ୍ୱଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ଜିଲ୍ଲାବାସୀ ଏହାକୁ ନେଇ ଗର୍ବିତ । କିନ୍ତୁ ୨୦୨୦ରେ ବିଶ୍ୱମହାମାରୀ କରୋନାର ମୁକାବିଲାକୁ ଦୃଷ୍ଟିରେ ରଖି ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟକୁ ବନ୍ଦ କରାଯାଇଥିଲା । ମୟୂରଭଞ୍ଜବାସୀ ତଥା ଛଉ କଳାକାର ଓ ଛଉପ୍ରେମୀମାନେ ଜିଲ୍ଲାବାସୀଙ୍କ ହିତ ସାଧାନ ନିମନ୍ତେ ସହମତି ପ୍ରଦାନ କରିଥିଲେ । ମାତ୍ର ଚଳିବ ୨୦୨୧ରେ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ଼-୧୯ ମାଗଦର୍ଶୀକା ଜାରି କରାଯାଇଥିବା ସତ୍ୱେ ଜିଲ୍ଲାପ୍ରଶାସନ ପକ୍ଷରୁ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷମାନଙ୍କୁ ଏକତ୍ରିତ କରାଇ ସରକାରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପୁଣି ଜିଲ୍ଲାରେ ରାଜନୈତିକ ସମାବେଶ, ଖେଳକୁଦ ଆସରରେ ହଜାର ହଜାର ଦର୍ଶକମାନଙ୍କ ଗହଣରେ ରଙ୍ଗାରଙ୍ଗ ଓ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମର ଆୟୋଜନ ଭଳି ବିଭିନ୍ନ ଛୋଟ ଓ ବଡ଼ ସମାବେଶ ସମାହିତ ହୋଇପାରିଥିବା ବେଳେ ମୟୂରଭଞ୍ଜର ପରିଚୟ ବିଶ୍ୱ ବିଖ୍ୟାତ ଛଉନୃତ୍ୟକୁ ଅନୁମତି ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିରାଶାଜନକ ପଦକ୍ଷେପ ବୋଲି ଦର୍ଶାଇ ଜିଲ୍ଲାର ଅଣରାଜନୈତିକ ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯିବା ସଂଗେସଂଗେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିଷ୍ପତିକୁ ତୀବ୍ର ବିରୋଧ କରିଛି । ଏଥି ସହିତ ଆସନ୍ତା ୨୪ରୁ ୩୬ ଘଂଟା ମଧ୍ୟରେ କୋଭିଡ୍-୧୯ ମାର୍ଗଦର୍ଶୀକା ଅନୁସାରେ ବାରିପଦା ଛଉ ପଡ଼ିଆଠାରେ ୩ ଦିନିଆ ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ପ୍ରଦର୍ଶନ ନିମନ୍ତେ ଅନୁମତି ପ୍ରଦାନ କରାନଗଲେ ଭଞ୍ଜସେନା ଆନ୍ଦୋଳନକୁ ଉହ୍ଲାଇ ଆସିବାକୁ ବାଧ୍ୟ ହେବ । ଏହି ସମୟରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥି ନିମନ୍ତେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଉତରଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି । ଏହି ଅବସରରେ ଛଉ କଳାକାର ସଂଘର ସଭାପତି ଲଡ୍ଡୁକେଶ୍ୱର ରଣା, ସମ୍ପାଦକ ଲୋକନାଥ ଦାସ, ଶର୍ମିଷ୍ଠା ପଣ୍ଡା, ପଦ୍ମନାଭ ପାତ୍ର ଏବଂ ଭଞ୍ଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ଅଧ୍ୟକ୍ଷତାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସେନାର କାର୍ଯ୍ୟକାରୀ ସଭାପତି ରାକେଶ ସିଂ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଯୁବ-ଛାତ୍ର ସଂଯୋଜକ ରାକେଶ ବେହେରା, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ମାନସ କୁମାର ବେହେରା, ସହର ସଭାପତି ପ୍ରିତମ ପଣ୍ଡା, ଉପ-ସଭାପତି ପ୍ରଶାନ୍ତ ମହାକୁଡ଼, ସଞ୍ଜୟ ମାହାର୍ଣ୍ଣା, ଉମେଶ ପ୍ରଧାନ, ଅମରେଶ ସିଂ, ବିକାଶ ସିଂ, ଗୌରାଙ୍ଗ ଚକ୍ରବର୍ତ୍ତି, ଏସକେ ରାଜା ଖାନ, ସୌମ୍ୟରଞ୍ଜନ ସାହୁ, ସ୍ୱପ୍ନଜିତ୍ ସାହୁ, ପ୍ରଶାନ୍ତ ଦାସ ପ୍ରମୁଖଙ୍କ ସମେତ ସେନାର ଶତାଧିକ କର୍ମକର୍ତ୍ତା, କର୍ମୀ ଛଉ କଳାକାର ଏବଂ ଛଉପ୍ରେମୀମାନେ ଉପସ୍ଥିତ ରହିଥିଲେ ।

# କାଜୁ ଉତ୍ପାଦନ ବୃଦ୍ଧି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ଭୁବନ,୬।୪ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ସର୍ବଭାରତୀୟ ସଂଯୋଜିତ କାଜୁ ଗବେଷଣା ପ୍ରକଳ୍ପ , ଭୁବନେଶ୍ୱର ଆନୁକୂଲ୍ୟରେ ଗଁନ୍ଦିଆ ବ୍ଲକ ଚୁଡାଖିଆକାଟେଣୀ ଗ୍ରାମରେ ଅନୁସୂଚିତ ଜନଜାତି ଉପଯୋଜନା ମାଧମରେ କାଜୁ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟାନ ଭିତିକ ପଦ୍ଧତି ସମ୍ବନ୍ଧରେ ଆଜି ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର ଢେଙ୍କାନାଳ ର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡଃ ଦେବାଶିଷ ସ୍ୱାଇଁ ପୌରହିତ୍ୟ କରି କାଜୁ ଫସଲ କିଭଳି ଅଧିକ ଅମଳ ହେବ ଓ ଉତ୍ପାଦନ ବୃଦ୍ଧି ହେବ ସହିତ ଅଧିକ ଲାଭ ମିଳିବ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । କାଜୁ ଗବେଷଣା ପ୍ରକଳ୍ପ, ଭୁବନେଶ୍ୱର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ପ୍ରମୋଦ କୁମାର ପଣ୍ଡା ,ବରିଷ୍ଠ ଉଦ୍ୟାନବିତ୍ ଡଃ ସୁନିଲ ସାମଲ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କାଜୁ ଫସଲର ବିଭିନ୍ନ କିସମ, ଅମଳ ଓ ଉତ୍ପାଦିକା ଶକ୍ତିବୃଦ୍ଧି ବିଭିନ୍ନ ଜ୍ଞାନ କୌଶଳ ଓ ନୂତନ ବୈଜ୍ଞାନିକ ତଥ୍ୟ ପ୍ରଦାନ କରିଥିଲେ । କୀଟତତ୍ତ୍ୱବିତ୍ ଡକ୍ଟର ତ୍ରୀନାଥ ଖଣ୍ଡାୟତ ରାୟ କାଜୁ ଫସଲର ବିଭିନ୍ନ ରୋଗ ,ପୋକ ଓ ନିରାକରଣ ସଂପର୍କରେ ଆଲୋକପାତ କରିଥିଲେ । ଡାଖିଆକାଟେଣୀ ଗ୍ରାମର ୫୦ ରୁ ଉର୍ଦ୍ଧ୍ୱ ଅଗ୍ରଣୀ କାଜୁ ଚାଷୀ ଯୋଗଦେଇଥିଲେ । ଯୁବ କୃଷି ଉଦ୍ୟୋଗୀ ପ୍ରାଂଶୁ କୁମାର ଦାସ ଙ୍କ ସମେତ ପ୍ରତାପ ଚନ୍ଦ୍ର ସାମଲ ସମେତ ଗ୍ରାମ ସଭାପତି ଅମୀନ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବୈଜ୍ଞାନିକ ମାନେ କାଜୁ ଚାଷୀ ମାନଙ୍କ ସହିତ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।

# ଭୂତ



ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆଉ ଏକ ଅନୁଭବ ତାଙ୍କ ଠାରୁ ଶୁଣିବା ପାଇଁ ପାଇଲି । ଦୋଳ ଦଶମୀ ଦିନ ରାତ୍ରି ସାଢ଼େ ଦଶଟା ସମୟ, ନାନୀଙ୍କ ସହ ମିଶି ବିଲକୁ ଗଲେ ଝାଡ଼ା । ଅଧାକଟା ତିନ୍ତୁଳି ଗଛ ଗଣ୍ଡିଟେ ଥିଲା, ସେଇ ଗଣ୍ଡିଠୁ ପାଞ୍ଚ/ସାତ ହାତ ଦୂରରେ ନାନୀ ଓ ତା'ଠୁ କିଛି ଦୂରରେ ମହାସ୍ମିତା ମାମ୍ ବସିଥିଲେ । ଗଣ୍ଡି ଉପରେ ଜଣେ ସ୍ତ୍ରୀଲୋକ ଗୋଡ଼ ହାତ ଲମ୍ବେଇ ବସିଥିବାର ମହାସ୍ମିତା ମାମ୍ କହିଲେ, ନାନୀଙ୍କୁ ଭୟ ଲାଗିବ ଜାଣି କିଛି ଜଣେଇଲେ ନାହିଁ ତାଙ୍କୁ । ଶୌଚ ହୋଇ ତାକୁ ଲକ୍ଷ୍ୟ କରି କରି ଚାଲି ଆସିଲେ । ପୋଖରୀ କୂଳେ କୂଳେ ସେ ଚାଲିଗଲା । ଆଉ ଏକ ଅନୁଭବ ବି ସେ ମୋତେ ଜଣେଇଥିଲେ । ୧୯୯୯ ମହାବାତ୍ୟାର ପନ୍ଦର ଦିନ ଗତ ହୋଇ ସାରିଥାଏ । ସନ୍ଧ୍ୟା ଘନେଇ ଆସୁଥାଏ ; ଝାପ୍ସା ଆଲୋକିତ ଧରା । ଧୋଇଧାଇ ହୋଇ ସାଙ୍ଗ ଘରକୁ ଗଲେ ମହାସ୍ମିତା ମାମ୍ । ସେ ଦେଖିଲେ ଅଧା ତିଆରି ଘର ପାଖରେ କେହି ଜଣେ ପୁରୁଷ ଲୋକ ଧଳା ଧୋତି ପିନ୍ଧି ସେହି ଘର ଭିତରକୁ ପଶିଗଲେ । ମହାସ୍ମିତାଙ୍କ ପାଟିରୁ ବାହାରି ଆସିଲା -'କୁଆଡ଼େ ଯାଉଛ ସିଆଡ଼େ ? 'ଉତ୍ତର ନାହିଁ ତାଙ୍କର। ସାଙ୍ଗକୁ ଯାଇ ପଚାରିଲେ ସେ - 'ଖୋକନ ଭାଇଙ୍କ ବଡ଼ବାପା କ'ଣ କରୁଥିଲେ ? ସେ କ'ଣ ସେହି ଘର ଭିତରକୁ ଯିବାର ମୁଁ ଦେଖିଲି । 'ମହାସ୍ମିତା ମାମ୍ ?ଙ୍କ ସାଙ୍ଗ ତାଙ୍କୁ କହିଲେ - 'ଖୋକନ ଭାଇଙ୍କ ବଡ଼ବାପା ! (ଆଶ୍ଚର୍ଯ୍ୟର ସହ) ସେ ତ କେବେଠୁ ମରି ଯାଇଛନ୍ତି । ସେ କୁଆଡୁ ଆସିବେ ? 'ତା'ପରେ ମହାସ୍ମିତା ମାମ୍ଙ୍କର ମନେ ପଡ଼ିଗଲା ଯେ, ସେ ସତରେ ମରି ଯାଇଛନ୍ତି । ତାଙ୍କର ମନେ ନଥିଲା ଏକଥା । 'ତେବେ ସେ କିଏ ?' ବିସ୍ମୟାଭିଭୂତ ମହାସ୍ମିତା ମାମ୍ ?। ତେବେ ଏବେ କୁହନ୍ତୁ ତ ଆତ୍ମାର ସ୍ଥିତି ଅଛି କି ନା ?

ମୋର ଜଣେ ଭଉଣୀ କାଦମ୍ବିନୀ ଖୁଣ୍ଟିଆଙ୍କ ମାଆ ବିଜୟ କେତନ ଖୁଣ୍ଟିଆଙ୍କ ଠାରୁ ଏକ ଭୂତ କଥା ଶୁଣିବାକୁ ପାଇଲି । ସେ କହିଲେ - ଝାଡ଼ା ଯାଇଥିଲେ, ସାଙ୍ଗରେ ଥିଲେ ଦୁଇ ନଣନ୍ଦ । ସମୟ ସେତେବେଳକୁ ରାତି ଆଠଟା କି ନଅଟା ହେବ ; ଶୁକ୍ଳପକ୍ଷ ସମୟ । ତୋଫାଜହ୍ନ ବିଚ୍ଛୁରିତ କରୁଛି ଶୀତଳ ଜ୍ୟୋସ୍ନା। ଝାଡ଼ା ଫେରି ଗଲେ ନଦୀକୁ ଶୌଚ ହେବାକୁ ; ଆଗରେ ଗଲେ ଦୁଇ ନଣନ୍ଦ ଓ ପଛରେ ବିଜୟ କେତନ ଖୁଣ୍ଟିଆ । ବାହାଘରର ବେଶିଦିନ ହୋଇନଥାଏ। ଜଣେ ଧଳା ଲୁଗା ପିନ୍ଧି ନଈ ପଠାରେ ଛିଡ଼ା ହୋଇଥିବାର ଦୁଇ ନଣନ୍ଦ ଆଗରେ ଦେଖି ଦୌଡ଼ି ଚାଲି ଆସିଲେ । ବିଜୟ କେତନ ଖୁଣ୍ଟିଆ ମାମ୍ ଶୌଚ ହୋଇ ତାଙ୍କ ପଛରେ ଦୌଡ଼ିଲେ ପଡ଼ିଉଠି ; ମରିଗଲି, ମରିଗଲି ଚିତ୍କାର କରି ଦୌଡ଼ିଲେ । ଘରୁ ଆଉ ଦୁଇଜଣଙ୍କୁ ଧରି ଆସିଲେ ଓ ଦେଖିଲେ ଟୋକେଇ ମୁଣ୍ଡେଇ ସେମିତି ଛିଡ଼ା ହୋଇଛି ସେ । ସମସ୍ତଙ୍କୁ ଦେଖି ସେ ନଈ ପଠାରେ ଚାଲି ଚାଲି ଧୋବା ଗଣ୍ଡି ପାଖରେ ଯାଇ ଲୁଗା ବାଡେଇବାର ଶୁଭାଗଲା । ସେଠାରୁ ଯାଇ ସାହାଡ଼ା ଗଛ ପାଖରେ ଛିଡ଼ା ହେଲା । ଏମାନେ ଘରକୁ ଚାଲିଆସିଲେ ।

ଆଉ ଏକ ଅନୁଭୂତି ତାଙ୍କର - ସେ ଅନ୍ତସତ୍ତ୍ୱା ଥିଲେ । ପଦାକୁ ଝାଡ଼ା ଯାଇଥିଲେ । ୧୯୮୨ ମସିହା ଅଗଷ୍ଟ ମାସ ସମୟ । କେନ୍ଦ୍ରାପଡାର ଅରିମୂଳ ଗ୍ରାମର ବାଘୁଣୀ ନଦୀ ସେପାରିକୁ ସ୍ୱଳ୍ପ ପାଣିରେ ପଶି ଯାଇଥିଲେ । ସମୟ ବୋଧହୁଏ ରାତ୍ରି ଗୋଟାଏ । ସାଥିରେ ଯାଇଥିଲେ ଖୁଡ଼ିଶାଶୁ ଓ ଶ୍ୱଶୁର । ସେମାନେ ନଈପଠା ଉପରେ ଛିଡ଼ା ହୋଇଛନ୍ତି । ଗୋଟିଏ କଅଁଳା ବାଛୁରୀ କେଉଁଆଡୁ କେଜାଣି ବାହାରିଲା । ବିଜୟ କେତନ ଖୁଣ୍ଟିଆ କହିଲେ କି, 'ଏ ବାଛୁରୀ କ'ଣ ? କୁଆଡୁ ଆସିଲା ? 'ଖୁଡ଼ିଶାଶୁ ଓ ଶ୍ୱଶୁର କହିଲେ 'ମଞ୍ଜୁ ଘର ଗୁହାଳ ଖୋଲା ଅଛି ତ, ସେଲାଗି ସେ ଗୁହାଳରୁ ଚାଲି ଆସିଛି । 'ଶୌଚକର୍ମ ସମାପନ କରି ଛିଡ଼ା ହେଲେ ସମସ୍ତେ । ନଇପଠାର ଧାରେ ଧାରେ ସେ ବାଛୁରୀଟି ଚାଲୁଛି । ବିଜୟ କେତନଙ୍କୁ ଯେତେ ଡ଼ାକିଲେ ସେ ଜମା ଗଲେନି । କହିଲେ - 'ବାଛୁରୀଟି ନଗଲା ଯାଏଁ ମୁଁ ଯିବିନି । ସେ ଯାଇ ସାରୁ ମୁଁ ଯାଇ ଯିବି । 'ନଦୀପଠାରେ ଥିବା ଏକ ବରକୋଳି ଗଛ ପାଖରେ ବାଛୁରୀଟି ଛିଡ଼ା ହେଲା । ଯେତେ ଡ଼ାକିଲେ ବି ବିଜୟ କେତନ ଗଲେନି । ଏକଲୟରେ ବାଛୁରୀକୁ ଚାହିଁ ରହିଥିବା ବେଳେ ଅଚାନକ ଅଦୃଶ୍ୟ ହୋଇଯାଇଥିଲା ବାଛୁରୀଟି । ତେବେ ଏସବୁରୁ ଜଣାପଡେ ଯେ ଆତ୍ମା ବୋଲି କିଛି ଅଛି । ଏହା ଅବିଶ୍ୱାସନୀୟ ନୁହେଁ ।

ଏମିତି ଦିନେ ଭୂତଙ୍କ ଉପରେ କାହାର କ'ଣ ଅନୁଭୂତି ସାଉଁଟି ସାଉଁଟି ପହଞ୍ଚିଲି ଯାଇ ସନ୍ଦୀପା ମହାପାତ୍ରଙ୍କ ପାଖରେ । ସେ ମତେ ଛୋଟ ଏକ ଘଟଣା କହିଲେ । ଘଟଣାଟି ଏ ପ୍ରକାରର - ଗୋଟିଏ ଝିଅ ଗୋଟିଏ ପୁଅକୁ ଭଲ ପାଉଥିଲା । ଉଭୟଙ୍କର ଭଲପାଇବା କଥା ଝିଅ ଘରେ ଜାଣିବା ପରେ ଡରେ ଶାବଳ ପକାଇ ଝିଅଟିକୁ ମାରିଦେଲେ । କିଛିଦିନ ଗତ ହେଲା ପରେ ଝିଅର ଆତ୍ମାଟି ସେ ଗାଁକୁ ଉଠେଇଲା ଓ ପକେଇଲା ; ଘରେ ଘରେ ସମସ୍ତଙ୍କଠଁ ପ୍ରବେଶ କଲା । ତା' ଆତ୍ମାକୁ ଦେଖି ସମସ୍ତେ ଭୟଭୀତ। ତାଙ୍କ ଘରର ବାଉଁଶ ଗଛରେ ରହିଲା । ଦିନ ଦ୍ୱି ପ୍ରହରେ ଭଙ୍ଗା ଚୂନା କାଚ ଝଡ଼ିବା, ବିନା ପବନରେ ଡ଼ାଳ ଭାଙ୍ଗିବା ଲୋକଙ୍କୁ ଭୟଭୀତ କରାଇ ରଖିଲା । ତାଙ୍କ ଘରେ ସଫେଇ ଦେଇଥିଲେ କି, ସେ ବିଷ ପିଇ ଆତ୍ମହତ୍ୟା କରିଛି। ସେ ଯାହା ଦେହରେ ଲାଗେ, ମୃତ୍ୟୁର ବାସ୍ତବ ଘଟଣାକୁ କହେ ବୋଲି ସନ୍ଦୀପା ମହାପାତ୍ରଙ୍କ ଠାରୁ ଶୁଣିଲି । ଏସବୁ ଭୂତର ବାସ୍ତବତାକୁ ପ୍ରମାଣ ଦେଉଛି ।

ଆଉ ଏକ ଘଟଣା ବି ମୋ କାନକୁ ଆସିଅଛି । ଧନେଶ୍ୱର ମହାପାତ୍ରଙ୍କ କଥା ଜଣକଠାରୁ ଶୁଣିଲି । ରାତ୍ରି ଗୋଟାଏ ବେଳେ ନ୍ୟାସ୍‌ନାଲ୍ ହାଇୱେକୁ ଗଲା ବେଳେ ଜଣେ ସ୍ତ୍ରୀଲୋକ ବିଲ ଭିତରେ ଧଳା ଲୁଗା ପିନ୍ଧି ଛିଡ଼ା ହୋଇଥିବାର ସେ ଦେଖିଲେ । କିଛି ସମୟ ପରେ ଦେଖିଲେ କି, ସେ ସ୍ତ୍ରୀଲୋକଟି ଯା'ଙ୍କ ଆଡ଼କୁ ମାଡ଼ି ଆସୁଛି । ଅଧାବାଟରେ ରୂପ ପରିବର୍ତ୍ତନ କରି ଘୁଷୁରୀଟେ ବନି ଗଲା । ରାସ୍ତାଟି ତିନି ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚା ହେବ । ବିଲ ଭିତରୁ ଆରପଟ ବିଲକୁ ହଠାତ ଡେଇଁ ପଡ଼ିଲା । ଘଡ଼ଘଡ଼ ଶବ୍ଦ କରି କୁଆଡ଼େ ଉଭାନ ହୋଇଗଲା । ଘରକୁ ଆସି ଝଡ଼ାଫୁଙ୍କା ହେଲେ। ତେବେ ସେ ଅନୁଭବ କରିଥିବା ଏ ଘଟଣାଟି ଭୂତର ଅବସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରୁଛି। ମୋର ଜଣେ ଭାଉଜ ସସ୍ମିତା ମହାପାତ୍ରଙ୍କଠାରୁ ତାଙ୍କ ବାପା-ବୋଉଙ୍କ ଭୂତ ଅନୁଭୂତି ବି ଶୁଣିଲି। ତାଙ୍କ ବାପା-ବୋଉଙ୍କର ବାହାଘର ବେଳର କଥା । ବାହାଘର ସାରି ସବାରି ଓ ପାଲିଙ୍କିରେ ଯାଉଥା'ନ୍ତି । ନଦୀ ପାର ବେଳେ ଦଶ ଜଣ ଖଣ୍ଡେ ଭୂତ ଆଗରେ ଯାଉଥିଲେ । ଏମାନଙ୍କ ସନ୍ଦେହ ହେବାରୁ ଏମାନେ ପଚାରିଲେ -'ଆଗରେ କିଏ ଯାଉଛ ? 'ସେମାନେ ଖାଲି ହୁଁ' ହୁଁ' ମାରି ଚାଲିଲେ । ସବାରି ବାଲା ଭିତରୁ ଜଣଙ୍କୁ କେମିତି ଟାଣି ନେଇ ପାଣିରେ ପକାଇ ଦେଇଛନ୍ତି ଭୂତମାନେ । ଏମାନେ ଖୋଜାଖୋଜି କରି ବାହାର କଲେ ଓ ଲାଗିପଡ଼ି ହୋସ୍‌କୁ ଆଣିଲେ । ନଦୀ ଭିତରେ ନଦୀ ପାର ହେବାକୁ ଡଙ୍ଗାଟିଏ ଅଛି । ଡ଼ଙ୍ଗା ପାଖରେ ଥାଇ ବି ବାଟ ଭୁଲିଗଲେ ଏମାନେ । ଭୁତମାନେ ତାଙ୍କୁ ଅଲଗା ବାଟରେ ନେବାକୁ ଚେଷ୍ଟିତ ଥିଲେ । ଏମାନେ ଆଉ ଆଗକୁ ନଯାଇ ଗୋଟିଏ ଜାଗାରେ ବସି ପଡ଼ିଲେ । କିଛି ସମୟ ପରେ ସେମାନେ କାହିଁ କୁଆଡ଼େ ଅଦୃଶ୍ୟ ହୋଇଗଲେ ।

କେନ୍ଦ୍ରାପଡାର ଆଉ ଏକ ଘଟଣା ରୋମାଞ୍ଚ ସୃଷ୍ଟି କରିଥିଲା ମୋ ମନରେ । ବୃନ୍ଦାବନ ଖୁଣ୍ଟିଆ ତାଙ୍କ ପୁଅ ଇଶ୍ୱର ଚନ୍ଦ୍ର ଖୁଣ୍ଟିଆଙ୍କୁ କହିଲେ ରାତିରୁ ପାଣି ମଡ଼େଇବାକୁ ଯିବାକୁ । ରାତିରୁ ଆସି ତାଙ୍କ ପରି କେହି ଜଣେ ଆସି ଡ଼ାକିଲା ତାଙ୍କୁ ; ସେ ବାପା ଡ଼ାକୁଛନ୍ତି ଭାବି ଚାଲିଗଲେ । ସେ ଗଲେ ଆଗେ ଆଗେ, ଆଉ ଇଶ୍ୱର ଚନ୍ଦ୍ର ଖୁଣ୍ଟିଆ ଗଲେ ପଛେ ପଛେ । ବିଲମୁଣ୍ଡାରେ ଯନ୍ତରେ ପାଣି ବୁହାଇଲା ଡାକିଥିବା ପ୍ରେତଟି। ପାଣି ବୁଡ଼ି ଆଣ୍ଠୁଆଣି ହେଲାଣି, ରାତି ପାହୁନି କି ପାଣି ମଡ଼ିଆ ସରୁନି । ଭୟରେ ଚାଲି ଆସିଲେ ଇଶ୍ୱର ଚନ୍ଦ୍ର । ଘରେ ଘୋଡ଼ିଘାଡ଼ି ହୋଇ ଶୋଇଲେ, ପ୍ରବଳ ଜ୍ୱର । ସକାଳୁ ବାପା ବୃନ୍ଦାବନ ଖୁଣ୍ଟିଆ ପୁଅକୁ ଦେଖି ଜାଣି ପାରିଲେ ସବୁ । ଝଡ଼ା - ଫୁଙ୍କାର ବେପାର ଚାଲିଲା । ତେବେ ଏସବୁ ଜଣାଇ ଦେଉଛି ଭୂତଙ୍କ ଅବସ୍ଥିତି ବିଷୟରେ । ଅନୁଭବୀମାନେ ହିଁ ଜାଣନ୍ତି ଭୂତ-ପ୍ରେତର ଅବସ୍ଥିତି । ବିଜ୍ଞାନ ଯୁଗରେ ବିଶ୍ୱାସ ଯୋଗ୍ୟ ନହେଲେ ବି ଭୁତ-ପ୍ରେତ ମାନଙ୍କ ଅବସ୍ଥିତିକୁ ନ ମାନିବା ଅନୁଚିତ ।

ମୋ ନିଜ ଅନୁଭୂତିରୁ ଏକ ଘଟଣା କହୁଛି । ଶୀତଳଷଷ୍ଠୀ ରଜନୀ । ଭୁଷଣ୍ଡପୁରରୁ ବାଣମରା ଦେଖି ରାତି ବାରଟାରେ ସେଠୁ ବାହାରିଲୁ । ଆମେ ଦୁଇଜଣ ଥାଉ; ମୁଁ ଆଉ ଆମ ଗାଆଁର ଜଣେ ବୃଦ୍ଧ ବ୍ୟକ୍ତି ଅଲେଖ ପ୍ରଧାନ। ମାଳିସାହି ମେଲଣ ପଡ଼ିଆ ଭିତରେ ପଶି ଆସିଲୁ । ଏକ ବିରାଟ ଝଙ୍କାଳିଆ ଆମ୍ବଗଛ ମୂଳେ ଜଣେ ସ୍ତ୍ରୀଲୋକ ଗୋଡ଼ - ହାତ ଲମ୍ବେଇ କୋଳରେ ଗୋଟିଏ ଶିଶୁକୁ ଧରି ବସିଛି । ଆଗରେ ଯାଉଥିବା ଅଲେଖ ପ୍ରଧାନର ନଜର ପଡ଼ିଗଲା ତା' ଉପରେ । ହଠାତ୍ ଅଟକି ଗଲା ସେ ; ମୁଁ ବି ତାକୁ ଦେଖି ଅଟକି ଗଲି । ପଚାରିଲି- 'କିହୋ, ଅଲେଖ ଭାଇ ! କ'ଣ ହେଲା ? ଅଟକିଲ କାହିଁକି ?ଚାଲୁନ ଯିବା । ' ସେ କହୁଛି -'ଭାଇନ ! ଦେଖିଲଣି ? 'ମୁଁ କହିଲି -'କ'ଣ ? କ'ଣ କୋଉଠି ଦେଖିଲ କି ? ' ସେ ମତେ ସେହି ସ୍ତ୍ରୀଲୋକ ଆଡ଼କୁ ଇସାରା ଦେଇ ଦେଖାଇ କହିଲା - 'ଏତେ ରାତିରେ ସେଠି କିଏ ବସିଛି ଦେଖିଲ । 'ମୁଁ ସେ ସ୍ତ୍ରୀଲୋକକୁ ନଜର କଲି । ଟିକେ ଟିକେ ଭୟ ଲାଗୁଥିଲେ ବି ଛାତି ଦମ୍ଭ କଲି । ତଥାପି ନିର୍ଭୟ ସହ ତାକୁ କହିଲି - 'ମତେ ଆଗକୁ ଛାଡ଼, ତମେ ପଛରେ ରୁହ ।' ମୁଁ ଆଗେ ଆଗେ ଦୁଇପାଦ ଆସି ଛିଡ଼ା ହେଲି । ପଚାରିଲି - 'କିଏ ବସିଛ ସେଠି ? ଏତେ ରାତିରେ କାମ କ'ଣ ? ' କିଛି ଉତ୍ତର ନ ପାଇ ନିରାଶ ହେଲି । ମନକୁ ଏକ ଉପାୟ ଆସିଲା । ତଳୁ ବାଲି ମୁଠାଏ ଉଠାଇଲି । ତାକୁ ଗାୟତ୍ରୀ ମନ୍ତ୍ରରେ ୨୧ଥର ଅଭିମନ୍ତ୍ରିତ କରି ତା' ଉପରକୁ ଫିଙ୍ଗିବାକୁ ଯାଆନ୍ତେ ତ ସେ ହଠାତ ଉଭାନ ହୋଇଗଲା । ସେଠାରୁ ଆମେ ଦୁଇଜଣ ଆସିଲୁ। ମେଲଣ ପଡ଼ିଆ ଆରପଟେ କୁମୁଦେଶ୍ୱରଙ୍କ ମନ୍ଦିର, ସେଇଠି ବସିଲୁ । କିଛି ସମୟ ପରେ ମନ୍ଦିର ପୂଜକ ଆସିଲେ ; ସେ ମତେ ଭଲ ଭାବରେ ଜାଣନ୍ତି । ଆମ ପରିବାର ସହ ତାଙ୍କର ବେଶ୍ ଭଲ ପରିଚୟ । ମତେ ଦେଖି କହିଲେ - 'କେତେବେଳୁ ବସିଛ ଗୋସେଇଁ ?' ମୁଁ ସବୁକଥା କହିଲି, ସେ ଶୁଣି ସାରି କହିଲେ -' ବେଳା ଭଲ, ଖସିକି ଆସିଛ। ତା' ହାବୁଡ଼ରୁ କେହି ଏ ଯାଏଁ ଖସି ନାହାନ୍ତି ।' ଆଉ ଗୋଟେ ରୋମାଞ୍ଚକର ଅନୁଭୂତି ଅଛି । ଦିନେ ଜଣେ କୁଣିଆଙ୍କ ଘରକୁ ଯାଇଥାଏ । ତିନି ଦିନ ରହିଲି ସେଠାରେ । ଦ୍ୱିତୀୟ ଦିନ ତାଙ୍କ ଘରୁ ଜଣେ ବୃଦ୍ଧା ପରିସ୍ରା ଉଠିଲେ ; ରାତି ପ୍ରାୟ ସାଢ଼େ ଗୋଟାଏ । ଦାଣ୍ଡ ଦୁଆର ଖୋଲି ସେ ଯାହା ଦେଖିଲେ ; ପୂରା ଛାନିଆ ।ମତେ ଆସି ଡ଼ାକିଲେ, ମୁଁ ଉଠି ଗଲି ତାଙ୍କ ସହିତ । ଦେଖିଲି ଶଗଡ଼ ଚକଠାରୁ ଆହୁରି ବଡ଼ ହେବ ଏକ ଚକ୍ରି ବାଣ ତାଙ୍କ ଦାଣ୍ଡ ପିଣ୍ଡା ଠାରୁ ଚାରି ହାତ ଦୂରରେ ଶୂନ୍ୟରେ ଘୂରୁଛି । ମୁଁ ବି ଟିକେ ଭୟ ପାଇଗଲି । ଦୀପାବଳି ତ ନୁହଁ, ତେବେ ବାଣ ମାରିଲା କିଏ ? ପୁଣି ଏତେ ବଡ ଚକ୍ରି ବାଣ ମୁଁ କେବେ ଦେଖିନି । କେହି କୁଆଡ଼େ ନାହାନ୍ତି, ଏ ବାଣ କିଏ ମାରିଛି ? ତଥାପି ଛିଡ଼ା ହୋଇ ଭଲ ଭାବେ ନିରୀକ୍ଷଣ କଲା ପରେ ଜାଣିଲି ଇଏ ଡ଼ାହାଣୀ ଆଲୁଅ । ମତେ ଡ଼ାହାଣୀ ବିତାଡ଼ିବା ମନ୍ତ୍ରଟି ଜଣାଥାଏ । ତେଣୁ ମୁଁ ସେ ମନ୍ତ୍ରଟି ପ୍ରୟୋଗ କଲି । ହଠାତ୍ ସେ ଚକ୍ରି ବାଣଟି ଉପରକୁ ଉଠିବାକୁ ଲାଗିଲା । ଧିରେ ଧିରେ ପଛୁଆ ପଛୁଆ ଯାଇ କାହିଁ ଦୂରରେ ଅନ୍ତରୀକ୍ଷରେ ଲୀନ ହୋଇଗଲା । ତା'ପରେ ସେ ପରିସ୍ରା ଗଲେ ଓ ଦୁଆର ଦେଇ ଘରକୁ ଆସିଲେ । ତେବେ ସେ ଆଲୁଅଟି କ'ଣ ଏ ବିଜ୍ଞାନ ଯୁଗରେ କେହି କହିପାରିବେ କି ? ଯଦି ଆତ୍ମା ନାହିଁ ତେବେ ଏସବୁ ଲକ୍ଷଣ କ'ଣ ପାଇଁ ? ମୋ ମତରେ ଆତ୍ମା ଅଛି, ସ୍ଥାନ, କାଳ-ପାତ୍ର ନେଇ ଦୃଶ୍ୟ ହୁଏ । ଏହାକୁ ଏଡ଼ାଇ ଦିଆଯାଇପାରିବନି । ସତରେ ଭୂତ-ପ୍ରେତ ଅଛନ୍ତି କି ନା - ଏ ପ୍ରଶ୍ନର ଉତ୍ତର ବୈଜ୍ଞାନିକ ନୁହେଁ, କେବଳ ଭୁକ୍ତଭୋଗୀ ହିଁ ଦେଇ ପାରିବ ।

ଓଡ଼ିଶାରେ ଏମିତି କିଛି ସ୍ଥାନ ଅଛି ଯେଉଁଠି ଭୂତ-ପ୍ରେତଙ୍କ ଝଲକ ଦେଖିବାକୁ ମିଳେ । ଏମିତି ଏକ ସ୍ଥାନ ହେଲା ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳାଯୋଡ଼ି ; ଯେଉଁଠି ରହିଛି ନଷ୍ଟ ହୋଇଯାଇଥିବା ଏକ ପୁରୁଣା କାଳିଆ ଗଛ । ସୂର୍ଯ୍ୟାସ୍ତ ପରେ ଏ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଏ । ସ୍ଥାନୀୟ ବାସିନ୍ଦା ମତ ଦିଅନ୍ତି ସେ ଗଛଟି ଏକ ଭୂତ ଗଛ ବୋଲି । ରାତ୍ରିରେ ଏ ଗଛ ପାଖ ଦେଇ ଗଲେ ବିକଟାଳ ଗର୍ଜନ ଶୁଣାଯାଏ ବୋଲି ଗ୍ରାମବାସୀଏ କହନ୍ତି । ଅନେକ ଥର ଦେଖିଛନ୍ତି - ଏ ଗଛ ମୂଳେ କେହି ଜଣେ ମହିଳା ଗୁରୁଣ୍ଡୁଥିବାର। ଲୋକଙ୍କ କହିବାନୁଯାୟୀ ଭୂଲ୍ ବଶତଃ ଯେ କେହି ଗଛକୁ ଛୁଇଁ ସେ ରୋଗଗ୍ରସ୍ତ ହୋଇ ପ୍ରାଣ ହରାଏ । ସ୍ଥାନୀୟ ବାସିନ୍ଦାଙ୍କ ମତ ଅନୁସାରେ ଏ ଗଛଟି ପ୍ରାୟ ୨୧ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି । ସହରରେ ଭୂତ ଅଛି କହିଲେ ପରିହାସର ପାତ୍ର ହେବା ଛଡ଼ା ଅନ୍ୟ କିଛି ନୁହେଁ । କିନ୍ତୁ କଟକର ଏମିତି ଏକ ହଷ୍ଟେଲ ଅଛି ଯେଉଁଠି ଅତୃପ୍ତ ଆତ୍ମାର ପ୍ରଦୁର୍ଭାବ ଦେଖିବାକୁ ମିଳେ ବୋଲି ଶୁଣାଯାଏ । କଟକର ପୁରୁଣା ହଷ୍ଟେଲରେ ଜଣେ ବୃଦ୍ଧ ଲୋକର ଆତ୍ମା ଘୂରି ବୁଲେ ବୋଲି କେତେକଙ୍କଠାରୁ ଶୁଣିବାକୁ ମିଳେ। ଏ ହଷ୍ଟେଲ ବାସିନ୍ଦା ଅନେକ ଥର ବୃଦ୍ଧ ଆତ୍ମାକୁ ଦେଖିଥିବାର କହିଛନ୍ତି। ଆଉ ଏକ ସ୍ଥାନ କଟକ ସହରର ରିଂ ରୋଡ଼ ; ଦିନ ଥିଲା କଟକ ସହରର ଏକ ଭୟଭୀତ ସ୍ଥାନ ଥିଲା ଇଏ । ଏବେ ସୁଦ୍ଧା ବିଳମ୍ବିତ ରାତ୍ରିରେ ଏଠାରେ ଭୂତ-ପ୍ରେତଙ୍କ ଉତ୍ପାତ ବଢ଼େ ବୋଲି କିଛି ଲୋକ ମତବ୍ୟକ୍ତ କରନ୍ତି । ବାସ୍ତବରେ ଏ ଘଟଣାର ସତ୍ୟାସତ୍ୟ ଥାଉ କି ନଥାଉ ; କିଛି ଲୋକ କହନ୍ତି 'ଆମେ ଅନୁଭବ କରିଛୁ' । ଏ ରାସ୍ତାକୁ ଲାଗି ଶ୍ମଶାନ । ଅନେକ ବେଳେ ଏଠି ଅଲୌକିକ ଘଟଣା ଦେଖିବାକୁ ମିଳେ ବୋଲି ସ୍ଥାନୀୟ ଲୋକଙ୍କ ମତ । ସ୍ଥାନୀୟ ଲୋକଙ୍କର ମତ ଅନୁସାରେ ରାତିର ଅନ୍ଧାରରେ ଏ ରାସ୍ତାରେ ଅର୍ଦ୍ଧଦଗ୍ଧାବସ୍ଥାରେ ଜଳୁଥିବା ବ୍ୟକ୍ତି ଚାଲୁଥାଏ ; ଯାହାକୁ ସ୍ଥାନୀୟ ବାସିନ୍ଦା ଦେଖିଛନ୍ତି । ଏ ଘଟଣାର ସତ୍ୟାତା ନେଇ ଏବେ ବି ଅନେକ ଅବିଶ୍ୱାସ କରନ୍ତି ।

ରାସ୍ତାରେ ଗଲାବେଳେ କେବେ ନା କେବେ କେହି ଲିଫ୍ଟ? ମାଗିବାର ଦୃଶ୍ୟ ଦେଖିଥିବେ । ଭୁବନେଶ୍ୱରଠାରୁ ୫୦କି.ମି ଦୂରରେ ଥିବା ଏକ ରାଜ୍ୟ ରାଜପଥରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଛି, ଯେଉଁଠି ରାତିରେ ଯିବା ବେଳେ ଯଦି କେହି ମଡ଼ର୍ଣ୍ଣ ପୋଷାକ ସହ ମୁଣ୍ଡ ବାଳ ଖୋଲା କରିଥିବା ଯୁବତୀ ଲିଫ୍ଟ ମାଗେ ତେବେ ସତର୍କ ହୋଇଯିବାଟା ଉତ୍ତମ । କାରଣ ଲିଫ୍ଟ ମାଗିଥିବା ଯୁବତୀ ଜଣକ ଅଶରୀରି ହୋଇପାରେ । ସ୍ଥାନୀୟ ଲୋକଙ୍କ କହିବା କଥା ଅନୁସାରେ, କିଛିଦିନ ପୂର୍ବେ ଏକ ରାସ୍ତା ଦୁର୍ଘଟଣା ହୋଇ ଜଣେ ଯୁବତୀ ମରିଥିଲେ । ସେବେଠୁ ସେ ସ୍ଥାନ ଦେଇ ଯାଉଥିବା ଗାଡ଼ିଚାଳକଙ୍କୁ ଯୁବତୀଟି ଲିଫ୍ଟ ମାଗୁଛି ବୋଲି କିଛି ଅଙ୍ଗେ ନିଭେଇ ଥିବା ଲୋକଙ୍କର ମତ। ଯଦି ତାକୁ ଦେଖି କେହି ଗାଡ଼ି ଅଟକାଇଥାଏ, ତେବେ ସେ ହଠାତ ଅଦୃଶ୍ୟ ହୋଇଯାଏ । ଆଉ ଯଦି କେହି ଗାଡ଼ି ନ ଅଟକାଇ ଆଗକୁ ପଳାଇ ଯାଆନ୍ତି ତେବେ ଗାଡ଼ି ଭିତରେ ଏ ଯୁବତୀଙ୍କୁ ଦେଖିବାକୁ ମିଳେ।

(କ୍ରମଶଃ)

+ସମ୍ପାଦକ ଉଦୟ ଭାନୁ,
ଭାଟପଡ଼ା, ନିରାକାରପୁର,
କଣାସ
ମୋ:୯୫୫୬୧୩୭୧୨୦

# ଗ୍ରୀଷ୍ମଜନିତ ତ୍ୱଚା ସମସ୍ୟା ଲାଗି ହଳଦୀ-ନିମପତ୍ର ପେଷ୍ଟ୍ ଲଗାନ୍ତୁ



ଖରାର ପ୍ରକୋପ ଧୀରେ ଧୀରେ ବଢୁଥିବାବେଳେ ଏହା ସହ ଗୁଳୁଗୁଳି ମଧ ହେଉଛି। ଫଳରେ ଦେହରୁ ଅଧିକ ଝାଳ ବାହାରିଥାଏ। ଏବଂ ଏହାଦ୍ୱାରା ଶରୀର ଜଳା ପୋଡ଼ା ହେବା ସହ ବହୁତ କୁଣ୍ଡାଇ ହୋଇ ଦେହରେ ଫଳି ଯାଇଥାଏ। ଏଥି ପାଇଁ ବିଭିନ୍ନ ପ୍ରକାରର ବଜାରରେ ମିଳୁଥିବା ସାମଗ୍ରୀ ମଧ ବ୍ୟବହାର କରିଥାଏ। ହେଲେ ଏହା ପାଇଁ ଘରୋଇ ଉପଚାର ମଧ ରହିଛି। ଏହି ଘରୋଇ ସାମଗ୍ରୀ ବ୍ୟବହାର କରି ପୋଡ଼ା ଜଳା ଓ କୁଣ୍ଡାଇ ହେବା ସମସ୍ୟାରୁ ରକ୍ଷା ପାଇ ପାରିବା। ୨୦ରୁ ୨୫ ଟି ନିମ ପତ୍ରରେ ଦୁଇ ଚାମଚ ହଳଦୀ ମିଶାଇ ତାହାକୁ ଭଲ ଭାବେ ବାଟି ଏକ ପେଷ୍ଟ ପ୍ରସ୍ତୁତ କରି ତାହାକୁ ପୋଡ଼ା ଜଳା ଓ କୁଣ୍ଡାଇ ହେଉଥିବା ଜାଗାରେ ଲଗାନ୍ତୁ। ୨୦ ରୁ ୨୫ ମିନିଟ୍ ସମୟ ପର୍ଯ୍ୟନ୍ତ ତାହାକୁ ଲଗାଇ ରଖିବା ପରେ ଲଗାଇଥିବା ପେଷ୍ଟଟିକୁ କିଛି ସମୟ ହାତରେ ମସାଜ କରି ଭଲ ଭାବେ ପାଣିରେ ଧୋଇ ନିଅନ୍ତୁ। ଏହି ପକ୍ରିୟାକୁ ସପ୍ତାହକୁ ତିନି ଥର କରି ପାରିବେ। ଏହାସହ ଜଳାପୋଡ଼ା ଓ କୁଣ୍ଡାଇ ହେବା ସ୍ଥାନରେ ବରଫ ୫ ମିନିଟ୍ ସମୟ ଯାଏ ଲଗାଇ ରଖି ପାରିବେ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ପ୍ରଚୁର ପାଣି ପିଇବା ଅତ୍ୟନ୍ତ ଜରୁରୀ।

# ମୋଟାପା ଆପଣଙ୍କର ମୁଖ୍ୟ ସମସ୍ୟା ପାଲଟିଛି କି ? ଆପଣାନ୍ତୁ ଏହି ସବୁ ଉପାୟ

ମୋଟାପା ଏକ ବେମାରୀ ସଦୃଶ। ଟିକେ ସତର୍କ ନହେଲେ ଦେହରେ ଚର୍ବି ଲାଗିବା ଅତି ସାଧାରଣ କଥା। ମାତ୍ର ଆମେ ଚାହିଁଲେ ଛୋଟ ଛୋଟ ସଚେତନତା ଅବଲମ୍ବନ କରି ତାହାକୁ ରୋକିପାରିବା। ଓଜନ କମାଇବା ପାଇଁ ଆମକୁ କୌଣସି ଜିମ୍ ଜଏନ୍ କରିବାର ବା ଆମ ପ୍ରିୟ ଖାଦ୍ୟ ତ୍ୟାଗ କରିବାର ଆପଶ୍ୟକତା ପଡ଼ିବ ନାହିଁ। ତେବେ ଚାଲନ୍ତୁ ଜାଣିବା କେଉଁ ସରଳ ଉପାୟ ଅବଲମ୍ବନ କରି ଆମେ ନିଜ ଓଜନକୁ ଆୟତ୍ତରେ ରଖିପାରିବା।



♦ କେବଳ ଯେ ଫାଷ୍ଟ୍‌ଫୁଡ୍ ବା ତୈଳଯୁକ୍ତ ଖାଦ୍ୟ ଖାଇଲେ ଓଜନ ବୃଦ୍ଧି ପାଇଥାଏ ତା ନୁହେଁ। ସର୍କରା ପରିମାଣ ଶରୀରରେ ବଢ଼ିଲେ ଚର୍ବି ବଢ଼େ ଓ ଚର୍ବି ବଢ଼ିଲେ ଓଜନ ବୃଦ୍ଧି ପାଏ। ତେଣୁ ଯେତେ ପାରୁଛନ୍ତି ମିଠା ଖାଇବା ଉପରେ ଆୟତ୍ତ ଲଗାନ୍ତୁ। ମିଠା ସବୁଠାରୁ ଅଧିକ ଓଜନ ବୃଦ୍ଧିକାରୀ ଉପାଦାନ ହୋଇଥାଏ।

♦ ସକାଳ ଖାଇବା କେବେ ବି ଛାଡ଼ନ୍ତୁ ନାହିଁ। ସକାଳ ଖାଇବା ଖାଉନଥିବା ବ୍ୟକ୍ତିଙ୍କ ପକ୍ଷେ ଓଜନ ବଢ଼ିବାର ସମସ୍ୟା ଅଧିକ ରହିଛି। ଆପଣ ନିୟମିତ ଭାବେ ବ୍ରେକ୍‌ଫାଷ୍ଟ ନିଅନ୍ତୁ। ଏହା ମଧ ଶରୀର ଉପରେ ସକରାତ୍ମକ ପ୍ରଭାବ ପକାଇବ।

♦ ବିଳମ୍ବିତ ରାତ୍ରିରେ ଶୋଇବା ଓଜନ ବୃଦ୍ଧିର ଅନ୍ୟତମ କାରଣ ହୋଇଥାଏ। ଧ୍ୟାନ ଦିଅନ୍ତୁ ରାତି ୧୨ଟା ପରେ ଯେପରି ଆପଣ ନଚାହାନ୍ତି। ଶୀଘ୍ର ଶୋଇ ଶୀଘ୍ର ଉଠିବା କେବଳ ଓଜନ କ୍ଷେତ୍ରରେ ନୁହେଁ, ଅନ୍ୟ ସମସ୍ତ ଶାରୀରିକ ସମସ୍ୟାକୁ ମଧ ଦୂରେଇ ଦେଇଥାଏ।



# ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ଅମୃତଭଣ୍ଡା

ଅମୃତଭଣ୍ଡା କେବଳ ଖାଇବାକୁ ସ୍ୱାଦିଷ୍ଟ ଲାଗେନାହିଁ। ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ମଧ ରହିଛି। ଏହା ପାଚନ ତନ୍ତ୍ରକୁ ମଜବୁତ୍ ରଖିବା ସହ ଓଜନ କମାଇବା ପାଇଁ ସାହାଯ୍ୟ କରିଥାଏ। ପାଚିଲା ଅମୃତଭଣ୍ଡାକୁ ଆପଣ ଜୁସ୍ କରି ପିଇପାରିବେ କିମ୍ବା କଞ୍ଚା ଅମୃତଭଣ୍ଡାରେ ତରକାରୀ କରି ମଧ ଖାଇପାରିବେ। ପ୍ରାଚୀନ କାଳରେ ଲୋକେ ଅମୃତଭଣ୍ଡାକୁ ଘରୋଇ ଉପଚାର ଭାବରେ ବ୍ୟବହାର କରୁଥିଲେ। ଭାରତ ବ୍ୟତୀତ ମାଲେସିଆ ଓ ଥାଇଲାଣ୍ଡରେ ପ୍ରଚୁର ମାତ୍ରାରେ ଭଣ୍ଡା ଚାଷ କରାଯାଇଥାଏ। ତା'ହେଲେ ଆସନ୍ତୁ ଜାଣିବା ଅମୃତଭଣ୍ଡା ଖାଇଲେ ଶରୀରକୁ କେଉଁସବୁ ଫାଇଦା ମିଳିଥାଏ।

୧. ଅମୃତଭଣ୍ଡା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ। ପ୍ରତିଦିନ ଅମୃତଭଣ୍ଡା ଖାଇଲେ ପେଟ ସଫା ରହିଥାଏ ଏବଂ ଆଖି ସୁସ୍ଥ ରହିଥାଏ।
୨. ଆହୁରି ମଧ ଅମୃତଭଣ୍ଡା ଶରୀରରେ ଜଳୀୟଅଂଶକୁ ଠିକ୍ ରଖିଥାଏ। ଏକ ରିପୋର୍ଟ ଅନୁସାରେ ୧୦୦ ଗ୍ରାମ ଅମୃତଭଣ୍ଡା ଖାଇଲେ ଆପଣଙ୍କ ଶରୀରକୁ ୪୩ ଗ୍ରାମ୍ କ୍ୟାଲୋରୀ ମିଳିଥାଏ।
୩ . ଅମୃତଭଣ୍ଡାରେ ଫାଇବର, ପୋଟାସିୟମ୍, ଭିଟାମିନ୍ ରହିଛି। ଯାହାକୁ ଖାଇବା ଦ୍ୱାରା ହାର୍ଟ ଜନିତ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ ହାର୍ଟରୋଗୀଙ୍କୁ ଅମୃତଭଣ୍ଡା ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି।
୪. ଅମୃତଭଣ୍ଡାରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରୀ ଗୁଣ ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିଥାଏ। ତେଣୁ ବୟସ୍କ ବ୍ୟକ୍ତି ପ୍ରତିଦିନ ଅମୃତଭଣ୍ଡା ଖାଇବା ଅଭ୍ୟାସ କରନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୭ ଅପ୍ରେଲ ୨୦୨୧, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମୌଳିକ ଆବଶ୍ୟକତା......

ମଣିଷର ମୌଳିକ ଆବଶ୍ୟକତାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କଲାବେଳେ ସେଗୁଡ଼ିକ ମଧ୍ୟରୁ ଖାଦ୍ୟ କଥାକୁ ସବୁବେଳେ ସମସ୍ତେ ଆଗ ଉଚ୍ଚାରଣ କରିଥାନ୍ତି । ଖାଦ୍ୟର ଗୁରୁତ୍ୱ ଦର୍ଶାଇବାକୁ ଯାଇ ଓଡ଼ିଆରେ ଲୋକମାନେ ପ୍ରାୟତଃ କହିଥାନ୍ତି, 'ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବି କାହା ଘେନି ।' କାରଣ, ଜୀବନ ବଞ୍ଚାଇବା ପାଇଁ ଖାଦ୍ୟର ନିତାନ୍ତ ଆବଶ୍ୟକତା ରହିଛି, ଯଦିଓ ପାନୀୟର ବି କିଛି କମ୍ ଭୂମିକା ନାହିଁ । ପୃଥିବୀ ପୃଷ୍ଠରେ ପରିବେଶର ପରିପୋଷଣୀୟତା ଏବଂ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଖାଦ୍ୟ ହେଉଛି ଏକମାତ୍ର ଉତ୍ତୋଳକ । କିନ୍ତୁ ବର୍ତ୍ତମାନ ସମୟରେ ଏହା ଉଭୟ ଜନସମାଜ ଏବଂ ପୃଥିବୀ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି । ତେଣୁ ସମଗ୍ର ପୃଥିବୀର ଖାଦ୍ୟାହାର ପ୍ରକ୍ରିୟା ବା ପଦ୍ଧତିରେ ଏକ ବଡ଼ ଧରଣର ପରିବର୍ତ୍ତନର ଆବଶ୍ୟକତା ରହିଛି- ଏକଥା ପ୍ରକାଶ କରିଛି ଇଟ୍- ଲାନ୍‌ସେଟ୍ କମିଶନ । ସମ୍ପ୍ରତି ସାରା ବିଶ୍ୱରେ ୮୨୦ ମିଲିଅନ୍ ଲୋକ ଭୋକିଲା ରହୁଥିବା ବେଳେ ପାଖାପାଖି ଦୁଇ ବିଲିଅନ୍ ଲୋକ ଭୁଲ ଖାଦ୍ୟ ଅଧିକ ପରିମାଣରେ ଆହାର କରୁଛନ୍ତି । ପରିଣତିରେ ଅସୁରକ୍ଷିତ ଯୌନ ସମ୍ବନ୍ଧ, ନିଶାଦ୍ରବ୍ୟ ବା ଭ୍ରମାତ୍ମକ ଔଷଧ ସେବନ, ମଦ୍ୟପାନ ଏବଂ ତମାଖୁ ଇତ୍ୟାଦି ମିଶି ଯେତିକି ରୋଗ ସୃଷ୍ଟି କରିବା ସହିତ ମୃତ୍ୟୁର କାରଣ ପାଲଟୁଛନ୍ତି, ତା'ଠାରୁ ଅଧିକ ସଂଖ୍ୟକ ମୃତ୍ୟୁବରଣ କରୁଛନ୍ତି ଉପରୋକ୍ତ ଦୁଇଗୋଟି କାରଣ ଅର୍ଥାତ୍ ଅନାହାର ଏବଂ ଅଧିକ ପରିମାଣର କୁ (ଖରାପ) ଖାଦ୍ୟ ଆହାର କରିବା ଯୋଗୁଁ । ଖାଦ୍ୟ ସହିତ ଯେହେତୁ ମଣିଷର ସ୍ୱାସ୍ଥ୍ୟ ସ ପରିବେଶ ପରିପୋଷଣୀୟତାର ଓତଃପ୍ରୋତ ସମ୍ବନ୍ଧ ରହିଛି, ତେଣୁ ଇଟ୍- ଲାନ୍‌ସେଟ୍ କମିଶନ ପ୍ରଥମ ଥର ପାଇଁ ୧୦ ବିଲିଅନ୍ ଲୋକଙ୍କ ସହିତ ୨୦୫୦ ସୁଦ୍ଧା ଜନସଂଖ୍ୟାର ବୃଦ୍ଧିକୁ ଦୃଷ୍ଟିରେ ରଖି ପୁଷ୍ଟିକର ଖାଦ୍ୟର ଏକ ଖାଦ୍ୟହାର ଯୋଜନା ସଙ୍ଗେସଙ୍ଗେ ପୃଥିବୀ ପୃଷ୍ଠକୁ କ୍ଷତି ପହଞ୍ଚାଉ ନଥିବା ଏକ ପରିପୋଷଣୀୟ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବ୍ୟବସ୍ଥାର ଯୋଜନା ପ୍ରସ୍ତୁତ କରିଛନ୍ତି । ଯେ କୌଣସି ଦେଶ ଏବଂ ଅଞ୍ଚଳର ଖାଦ୍ୟ ପ୍ରସ୍ତୁତ ମୁଖ୍ୟତଃ ଏହାରା ଜଳବାୟୁରେ ଉତ୍ପାଦିତ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଅଧିକ ପରିମାଣରେ ନିର୍ଭର କରିଥାଏ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରେ ଉତ୍ପାଦିତ ହୋଇ ସେଠାରୁ ଆନୀତ ଦ୍ରବ୍ୟଗୁଡ଼ିକୁ ମଧ୍ୟ ଲୋକମାନେ ଆହାର କରିଥାନ୍ତି । ସାମ୍ପ୍ରତିକ ସମୟରେ ବିଶ୍ୱର କେତେକ ରାଷ୍ଟ୍ରରେ କେତେକ ଖାଦ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଛି, ତାହା ସେଠାରେ ଉତ୍ପାଦିତ ହୋଇଥାଉ କିମ୍ବା ସେଠାକୁ ଆମଦାନୀ କରାଯାଇଥାଉ । ଇଟ- ଲାନ୍‌ସେଟ୍‌ର ସୁପାରିସ ଅନୁସାରେ ସମଗ୍ର ବିଶ୍ୱରେ ବର୍ତ୍ତମାନ ସମୟରେ ଲୋକମାନେ ଯେତିକି ପରିମାଣରେ ଲୋହିତ ମାଂସ (ସାଧାରଣତଃ ଚତୁଷ୍ପଦ ପ୍ରାଣୀ ଏବଂ କେତେକ ସଂସ୍କୃତିରେ କେତେକ ଦ୍ୱିପଦବିଶିଷ୍ଟ ପ୍ରାଣୀଙ୍କ ମାଂସ) ଏବଂ ଚିନି ଖାଉଛନ୍ତି, ତା'ର ପରିମାଣ ଅଧାକୁ କମାଇ ଦିଆଯିବା ଉଚିତ । ଅପର ପକ୍ଷରେ କୋଳି, ଫଳ ପନିପରିବା ଏବଂ ମଞ୍ଜିଜାତୀୟ ଖାଦ୍ୟ ପଦାର୍ଥର ଆହାରକୁ ଦ୍ୱିଗୁଣିତ କରାଯିବା ଦରକାର । ଏଠାରେ ସୂଚାଇ ଦିଆଯାଇପାରେ ଯେ ସାଧାରଣତଃ ଲୋକମାନେ ଯେତିକି ପରିମାଣର ଲୋହିତ ମାଂସ ଆହାର କରିବା ନିମନ୍ତେ ସୁପାରିସ କରାଯାଇଥାଏ, ଉତ୍ତର ଆମେରିକାରେ ଥିବା ଦେଶଗୁଡ଼ିକର ଲୋକମାନେ ତା'ଠାରୁ ସାଢ଼େ ଛଅଗୁଣ ଅଧିକ ଲୋହିତ ମାଂସ ଭକ୍ଷଣ କରିଥାନ୍ତି । ଅପରନ୍ତୁ, ଭାରତ ସମେତ ଦକ୍ଷିଣ ଏସିଆର ଅଧିକାଂସ ଦେଶରେ ଏହି ମାଂସ କ୍ଷେତ୍ରରେ ଅନୁମୋଦିତ ପରିମାଣର ଅଧାରୁ ମଧ୍ୟ କମ୍ ଆହାର କରିଥାନ୍ତି । ତେଣୁ ପ୍ରତ୍ୟେକ ଅଞ୍ଚଳରେ ଏକ ସୁଷମ ପରିମାଣର ଆହାର ଲାଗୁ କରାଯିବାର ଆବଶ୍ୟକତା ରହିଛି । ଖାଦ୍ୟ ପଦାର୍ଥର ଖା ଉଠିଲେ ଖାଦ୍ୟ ଅପଚୟର କଥା ମଧ୍ୟ ଉଠେ । ସାଧାରଣତଃ ଅନେକତ୍ର ଏହା ଦୃଷ୍ଟିଗୋଚର ହୋଇଥାଏ ଯେ ଗୋଟିଏ ଭାରତ ନୁହେଁ, ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରରେ ଦେଖିବାକୁ ମିଳିଥାଏ । ତେଣୁ ବର୍ତ୍ତମାନ ସମୟର ସବୁଠୁ ବଡ଼ ଆହ୍ୱାନ ହେଉଛି, ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଉନ୍ନତି ଘଟାଇବା ସହିତ ଖାଦ୍ୟ ଅପଚୟ ବା ନଷ୍ଟକୁ କମ୍ କରିବା ଯଦ୍ଦ୍ୱାରା ପରିପୋଷଣୀୟ ଖାଦ୍ୟ ବ୍ୟବସ୍ଥାର ବିକାଶ ଘଟି ପାରିବ । ସମଗ୍ର ବିଶ୍ୱରେ ଭାରତ ହେଉଛି ଫଳ ଓ ପନିପରିବା ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବୃହତ୍ତମ ଦେଶ । ଏହା ବାର୍ଷିକ ୯୭ ମିଲିୟନ୍ ମେଟ୍ରିକ୍ ଟନ୍ ଫଳ ଏବଂ ୧୭୯.୬୯ ମେଟ୍ରିକ୍ ଟନ୍ ପନିପରିବା ଉତ୍ପାଦନ କରିଥାଏ । କିନ୍ତୁ ପରିତାପର ବିଷୟ, ଉତ୍ପାଦିତ ପନିପରିବାର ହାରାହରି ୪୦ ପ୍ରତିଶତ ନଷ୍ଟ କରାଯାଇଥାଏ । ଏହା ବିଭିନ୍ନ କାରଣରୁ ହୋଇଥାଏ ।

## ଓଡିଆ ଜାତୀୟତାର ଯଜ୍ଞପୀଠ : ଉତ୍କଳ ସମ୍ମିଳନୀ



ଡକ୍ଟର ଶ୍ରୀହରି ପଣ୍ଡା

ଆଧୁନିକ ଓଡିଶାର ଜନକ ଉତ୍କଳ ଗୌରବ ମଧୁସୂଦନଙ୍କର 'ଉତ୍କଳ ସମ୍ମିଳନୀ' ଥିଲା ମାନସ ସନ୍ତାନ । ଏହି ସମ୍ମିଳନୀ ମାଧ୍ୟମରେ ଓଡିଶାର ଏକୀକରଣ ପାଇଁ ସେ କେବଳ ଚେଷ୍ଟା କରି ନଥିଲେ ବରଂ ତାଙ୍କ ଦୃଷ୍ଟିରେ ଉତ୍କଳ ସମ୍ମିଳନୀ ଥିଲା ଓଡିଆ ଜାତୀୟତାର ଯଜ୍ଞପୀଠ । ଏହାରି ମାଧ୍ୟମରେ ଓଡିଆ ଅସ୍ମିତାବୋଧର ଜାଗରଣ ସେ କାମନା କରିଥିଲେ । ଓଡିଶାର ରାଜନୈତିକ, ଆର୍ଥନୈତିକ, ସାମାଜିକ-ସାଂସ୍କୃତିକ ସର୍ବବିଧ ବିକାଶ ପାଇଁ ପ୍ରେରଣା ଭୂମି ଏହା ହୋଇପାରିବ ବୋଲି ସେ ସ୍ୱପ୍ନ ଦେଖିଥିଲେ । ମାତୃଭୂମି, ମାତୃଭାଷା, ସଂସ୍କୃତି ଓ ପରମ୍ପରା ହେଉଛି ଜାତୀୟ ଜୀବନର ଆଧାରଶିଳା । ଗୋଟିଏ ଜାତିର ଆତ୍ମ ପରିଚୟ ଓ ସ୍ୱାଭିମାନର ମୂଳଭିତ୍ତି, ଏହାକୁ ଭୁଲି କୌଣସି ଜାତି ପୃଥିବୀରେ ସମୃଦ୍ଧ ହୋଇନାହିଁ । ଏଣୁ ଓଡିଆମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟିପାଇଁ, ହଜି ଯାଇଥିବା ଅତୀତର ସ୍ୱାଭିମାନକୁ ଫେରାଇ ଆଣିବା ପାଇଁ ସେ ଆରମ୍ଭ କରିଥିଲେ ଓଡିଆ ଆନ୍ଦୋଳନ । ପଡୋଶୀ ରାଜ୍ୟର କିଛି ବ୍ୟକ୍ତିଙ୍କ ଭାଷାବିଲୋପ ରୂପକ ହୀନଚକ୍ରାନ୍ତକୁ ପଣ୍ଡ କରି ଓଡିଶାର ଜନ ଜାଗରଣ ସୃଷ୍ଟି ହେଲା । ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ରାମଶଙ୍କର ରାୟ, ଜଗମୋହନ ଲାଲା ଓ ଗୋବିନ୍ଦ ରଥ ପ୍ରଭୃତି ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ ବିରୁଦ୍ଧରେ ଦୃଢ ପ୍ରତିବାଦ କଲେ । ୧୮୬୬ରେ ଉତ୍କଳ ଦୀପିକା, ୧୮୬୮ରେ ବାଲେଶ୍ୱର ସମ୍ବାଦ ବାହିକା, ୧୮୭୩ରେ ଉତ୍କଳ ଦର୍ପଣ, ୧୮୯୭ରେ ଉତ୍କଳ ସାହିତ୍ୟ ଆଦି ପତ୍ରିକା ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ ଓ ସୁରକ୍ଷା ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କଲେ । ପରେ ହିତବାଦିନୀ, ଉତ୍କଳ ପ୍ରଭା, ଉତ୍କଳ ମଧୁପ, ସଂସ୍କାରକ, ପ୍ରଜାବନ୍ଧୁ, ଶିକ୍ଷାବନ୍ଧୁ, ଉତ୍କଳ ବନ୍ଧୁ, ଗଞ୍ଜାମ ଓଡିଆ, ମୁକୁର, ଆଶା, ସତ୍ୟବାଦୀ, ସମାଜ, ପ୍ରଜାତନ୍ତ୍ର ପ୍ରଭୃତି ପ୍ରମୁଖ ପତ୍ରପତ୍ରିକା ଓଡିଆ ଭାଷା ସାହିତ୍ୟର ପ୍ରସାର କରାଇବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କଲେ ।

ଓଡିଆ ଭାଷାବାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରଥମେ ବେସରକାରୀ ଭାବରେ ବିଚିତ୍ରାନନ୍ଦ ଦାସ ଓ ବୈକୁଣ୍ଠ ନାଥ ଦେ ୧୮୭୫ ମସିହାରେ ଛୋଟଲାଟ ସାର ରିଚାର୍ଡ ଟେମ୍ପଲଙ୍କୁ ସ୍ମାରକପତ୍ର ଦେଇଥିଲେ । ଏଥିରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଓ ରେଳପଥର ପ୍ରସାର ପାଇଁ ଦାବୀ ହୋଇଥିଲା । ଏହି ସମୟରେ ଦକ୍ଷିଣ ଓଡିଶାରେ ଶ୍ରୀ ଉଇଲିୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଓଡିଆଙ୍କ ଦୁଃଖ ମୋଚନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆନ୍ଦୋଳନ ଚାଲିଲା । ଏହି ଆନ୍ଦୋଳନରେ ଉତ୍କଳ ହିତବାଦିନୀ ସଭା ଅଗ୍ରଣୀ ଭୂମିକା ନେଇଥିଲା । ୧୮୮୧ରେ ମଧୁବାବୁ ଓଡିଶାକୁ ଫେରି ୧୮୮୨ ମସିହାରେ ଉତ୍କଳ ସଭାର ସଭାପତି ଦାୟିତ୍ୱ ଗ୍ରହଣ କଲେ । ଏହି ସଭା ଜରିଆରେ ଓଡିଆମାନଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରିବା ପାଇଁ ମାନସିକ ପ୍ରସ୍ତୁତି ଚଳାଇଲେ । ଓଡିଆ ଭାଷାବାଷୀ ଅଞ୍ଚଳର ମିଶ୍ରଣ ପାଇଁ ଉତ୍କଳ ସଭା ତରଫରୁ ବଙ୍ଗର ଲାଟ ଥମ୍ପସନଙ୍କୁ ୧୮୮୫, ବେଲାସାହେବଙ୍କୁ ୧୮୮୮ ଓ ଜନ ଉଡଙ୍କୁ ୧୮୯୮ ରେ ଦାବୀପତ୍ର ପ୍ରଦାନ କରିଥିଲେ । ୧୮୯୭ ମସିହା ଏପ୍ରିଲ ୨୬ ତାରିଖରେ ମଧୁବାବୁ ଇଂଲଣ୍ଡ ଯାତ୍ରା କରି ସେଠାରେ ଭାରତର ଶାସନ ସଚିବ ଜର୍ଜ ହାମିଲଟନଙ୍କୁ ସାକ୍ଷାତ କରି ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡିଆଭାଷାର ପ୍ରଚଳନ ଦାବୀ ଜଣାଇଥିଲେ । ଓଡିଆଙ୍କୁ ଇଂରେଜ ନିକଟରେ ପହଞ୍ଚାଇବା ପାଇଁ ସେ ସମୟରେ ଏକ ଛୋଟ ପ୍ରଦର୍ଶନୀ ମାଧ୍ୟମରେ ଓଡିଶାର ସୂକ୍ଷ୍ମକଳା ଓ କୋଟିକାମକୁ ଇଂରେଜଙ୍କ ସହିତ ପରିଚିତ କରାଇଥିଲେ । ୧୮୯୯ରେ କର୍ଜନଙ୍କ ବଡଲାଟ ହେବାପରେ ଏକ ଦାବୀପତ୍ର ମାଧ୍ୟମରେ ଓଡିଶା ଓ ଓଡିଆଙ୍କ ଦୁର୍ଦ୍ଦଶା ଜଣାଇ ଚିଠି ଲେଖିଥିଲେ । ୧୯୦୦ ମସିହାରେ ସିମଳାରେ କର୍ଜନଙ୍କୁ ସାକ୍ଷାତ କରିବା ସହ ଓଡିଶାର ଦୁର୍ଦ୍ଦଶାକୁ ଦର୍ଶାଇବା ପାଇଁ ତାଙ୍କୁ ପୁରୀ ଓ ଭୁବନେଶ୍ୱର ବୁଲି ଦେଖିବାକୁ ନିମନ୍ତ୍ରଣ କରିଥିଲେ । ୧୯୦୦ ମସିହା ଡିସେମ୍ବର ୧୬ ତାରିଖରେ ବଡଲାଟ କର୍ଜନ ଓଡିଶା ଆସି ଓଡିଆଙ୍କ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇଥିଲେ । ଫଳରେ ୧୯୦୩ ମସିହା ଜାନୁଆରୀ ମାସ ପହିଲା ଦିନ ତାଙ୍କ ଆଦେଶ ବଳରେ ସମଗ୍ର ସମ୍ବଲପୁର ଜିଲ୍ଲାରେ ଓଡିଆ ଭାଷାର ପୁନଃ ପ୍ରଚଳନ ହେଲା ଏବଂ ଡିସେମ୍ବର ମାସ ୩ ତାରିଖରେ ସମଗ୍ର ଓଡିଆ ଭାଷାଭାଷୀ ଅଞ୍ଚଳର ପୁନଃ ମିଶ୍ରଣ ପାଇଁ ରିସିଲେ ସର୍କୁଲରା ପ୍ରସାରିତ କଲେ । ୧୯୦୫ଅକ୍ଟୋବର ୧୬ରେ ବଙ୍ଗଭଙ୍ଗ କରି ଓଡିଶା ଡିଭିଜନ ସହ ସମ୍ବଲପୁର, ପାଟଣା, କଳାହାଣ୍ଡି, ବାମଣ୍ଡା, ସୋନପୁର ଓ ରେଢାଖୋଲ ମଧ୍ୟପ୍ରଦେଶରୁ ଏବଂ ଗାଙ୍ଗପୁର ଓ ବଣେଇ ଛୋଟନାଗପୁରରୁ ଆସି ମିଶିଗଲା କିନ୍ତୁ ଓଡିଶା ଡିଭିଜନ ପର୍ଶ୍ଚିମବଙ୍ଗ ସହ ମିଶି ରହିଲା । ମାଦ୍ରାସ ସରକାରଙ୍କ ଅସହଯୋଗ ପାଇଁ ଦକ୍ଷିଣାଞ୍ଚଳ ଓଡିଶା ଡିଭିଜନ ସହ ମିଶିପାରିନଥିଲା ।


(କ୍ରମଶଃ)


ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ ,
ମୋ.୮୬୫୮୫୦୫୯୭୮


## ସ୍ୱତନ୍ତ୍ର ଓଡ଼ିଶାର ବିନ୍ଧାଣୀ : ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି



ବିପିନ ବିହାରୀ ମହାନ୍ତି



ଓଡ଼ିଆ ଭାଷାଭାଷୀ ଅଞ୍ଚଳ ନେଇ ସ୍ୱତନ୍ତ୍ର ଏକ ପ୍ରଦେଶ ଗଠନ ହେଉ ଏଇ ପରି ଏକ ସ୍ୱପ୍ନ ଅବଶ୍ୟ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଆମ୍ଭମାନଙ୍କର ଥିଲା । ଏହାର ପ୍ରଥମ ପୁରୋଧା ଥିଲେ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ଯାହାଙ୍କର ଜୀବନ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ଅଥଚ ସେ ନୂତନ ଓଡ଼ିଶାର ନିର୍ମାତା ବା ବିନ୍ଧାଣୀ ହୋଇପାରିନଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ଗଠନ ହେବାର ଦୁଇବର୍ଷ ପୂର୍ବରୁ ସେ ଇହଧାମ ତ୍ୟାଗ କରିସାରିଥିଲେ । ଅଥଚ ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ଏବଂ ପ୍ରଭାବିତ 'ପାରଳା'ର 'ପାରିଲା' ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ପାରିଲେ । ଏଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ବୋଲି ଆମେ କହୁ । ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନିଜେ ରାଜାଙ୍କର ପୁତ୍ର ଏବଂ ଉତ୍ତରାଧିକାରୀ ହିସାବରେ ରାଜା ଉପାଧିରେ ଥିଲେ; କିନ୍ତୁ ମହାରାଜା ନଥିଲେ । ଏଇ ପାରିଲା ପଣରୁ ତାଙ୍କୁ ୧୯୩୨ ମସିହାରେ ମହାରାଜା ଉପାଧିରେ ଭୂଷିତ କରାଗଲା ଏବଂ ସେହିବର୍ଷ ବ୍ରିଟିଶ୍ ସରକାର ତାଙ୍କୁ କେ.ସି.ଆଇ.ଇ. ଉପାଧି ମଧ୍ୟ ଦେଇଥିଲେ । ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ୧୮୯୨ ମସିହା ଏପ୍ରିଲ ୨୬ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଥିଲେ ଶ୍ରୀ ଗୌର ଚନ୍ଦ୍ର ଗଜପତି ଏବଂ ମା' ଥିଲେ ବିଷ୍ଣୁପ୍ରିୟା ଦେବୀ । ୧୯୧୩ ମସିହାରେ ସେ ରାଜ ପଦ ଗ୍ରହଣ କରିଥିଲେ । ତାଙ୍କ ପୂର୍ବପୁରୁଷମାନେ ସମସ୍ତେ ସ୍ୱାଧୀନ ଚେତାଥିଲେ ଏବଂ ପ୍ରଜାନୁରଞ୍ଜନ ରାଜାଥିଲେ । ତେଣୁ ବ୍ରିଟିଶ ସରକାରଙ୍କର ଓଡ଼ିଶାରେ ଆବିର୍ଭାବ ଦିନଠୁ ସେ ତାଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ଏମାନଙ୍କର ମୂଳ ଲକ୍ଷ୍ୟଥିଲା ଜାତି ଗଠନ, ଭାଷା ଓ ସଂସ୍କୃତି ରକ୍ଷା, ଦେଶର ସ୍ୱାଧୀନତା ଏବଂ ସର୍ବୋପରି ଓଡ଼ିଆ ଜାତିର ପ୍ରାଦେଶିକ ସ୍ୱତନ୍ତ୍ରତା । ଅର୍ଥାତ୍ ଓଡ଼ିଆ ଭାଷା -ଭାଷୀ ଏବଂ ସେମାନଙ୍କୁ ପ୍ରଭାବିତ କରୁଥିବା ବା ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ସାଧାରଣ, ଜନଜାତି ବା ବନଜାତିକୁ ନେଇ ସ୍ୱତନ୍ତ୍ର ଏକ ଭୁଖଣ୍ଡ ପ୍ରଦେଶ ଗଠନ କରିବା । ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହାର କର୍ଣ୍ଣଧାର ଥିଲେ । ଶ୍ରୀ ଗଜପତି ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟଥିଲେ । ଡିସେମ୍ବର ୨୭ ଏବଂ ୨୮ତାରିଖ, ୧୯୧୪ ମସିହାରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଇଠି ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଡିସେମ୍ବର ୩, ୧୯୨୭ ମସିହାରେ ମହାତ୍ମାଗାନ୍ଧୀ ପାରଳା ଆସି ସ୍ୱାଧୀନତା ସଂଗ୍ରାମର ବୀଜ ରୋପଣ କରିଥିଲେ । ପୂର୍ବ ମହାରାଜ ଶ୍ରୀ ଗଜପତି ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏକ ସମୟରେ ଏହି ଦୁଇଟି ପାଇଁ ଆନ୍ଦୋଳନ ଚାଲୁରହିଲା । ମହାରାଜା ଗଜପତିଙ୍କ ନେତୃତ୍ୱରେ ସର୍ବଶ୍ରୀ ଯୁଗଳ କିଶୋର ପାଣିଗ୍ରାହୀ, ବଳରାମ ପଣ୍ଡା, ନାରାୟଣ ପାତ୍ରଙ୍କ ସହିତ ବହୁ ଯୁବନେତା ଯଥା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ପାଢ଼ୀ ଏବଂ ଗୋପିନାଥ ପାଢ଼ୀଙ୍କ ସହ ପାରଳା ଅଞ୍ଚଳର ଜନସାଧାରଣ ଏବଂ ମାଳାଞ୍ଚଳର ଲୋକମାନେ ସାମିଲ ହେଲେ । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସେ ତିନିଥର ଲଣ୍ଡନ ଯାଇଥିଲେ । ତାଙ୍କ ସହ ତାଙ୍କ ପ୍ୟାଲେଶ କଣ୍ଟ୍ରୋଲର ଓ ପ୍ରାଇଭେଟ୍ ସେକ୍ରେଟାରୀଥିଲେ । ୧୯୩୦ରେ ପ୍ରଥମ ଗୋଲଟେବୁଲ୍ ବୈଠକ ସେ ବିହାର ଓଡ଼ିଶା ଅସେମ୍ବ୍ଲିର ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ସେ ଏକ ମାତ୍ର ବ୍ୟକ୍ତିଥିଲେ ଯିଏକି ଏକ ବୈଠକରେ ସମଗ୍ର ଓଡ଼ିଶା ଭାଷା ଅଞ୍ଚଳର ଏକୀକରଣ ପାଇଁ ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଯାହାର ସାର ମର୍ମ ଥିଲା :

ଓଡ଼ିଆ ଜାତି ତା'ର ତଥା କଥିତ ଓ ପ୍ରଚଳିତ କଳା, ସଂସ୍କୃତି ଓ ସାହିତ୍ୟର ଭାରତର ଅନ୍ୟ କୌଣସି ପରମ୍ପରା ତୁଳନାରେ ନିମ୍ନମାନର ନୁହେଁ । ଓଡ଼ିଶା ବିଭିନ୍ନ ଅଂଶମାନ ଏହାର ଚଉଭେଦୀ ବିଶାଳ ପ୍ରଦେଶମାନଙ୍କରେ ମିଶି କରିଥିବାରୁ ଏମାନେ ଅବହେଳିତ । ଯଦି ଏହାର ସମସ୍ତ ଅଂଶକୁ ଏକତ୍ରୀକରଣ କରିଦିଆଯାଏ, ତେବେ ଓଡ଼ିଆ ଜାତି ଏକ ଉନ୍ନତ ଜାତିର ସମକକ୍ଷ ହେବ ।

ପ୍ରଥମ ଗୋଲ ଟେବୁଲ୍ ବୈଠକ କଂଗ୍ରେସ ବର୍ଜନ କଲା । ଓଡ଼ିଆମାନଙ୍କର ପ୍ରଶ୍ନ ପ୍ରତି ଏହି ବୈଠକରେ କଂଗ୍ରେସର କୌଣସି ଦେଣନେଣ ନଥିଲା । କିନ୍ତୁ ଗଜପତି ମହାରାଜାଙ୍କର ଗୋରା ସାହେବମାନଙ୍କର ସହିତ ବ୍ୟକ୍ତିଗତ ବନ୍ଧୁତ୍ୱ ଥିବାରୁ ସେ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଦେଶ ଗଠନର ଯଥାର୍ଥତା ବୁଝାଇ ୧୬.୦୧.୧୯୩୧ରେ ପ୍ରତିଶ୍ରୁତିଟିଏ ନେଇଆସିଲେ । ୧୯୩୧ ମସିହାରେ ଓଡ଼େନେଲ କମିଟି ସୀମା ନିର୍ଦ୍ଧାୟକ ନିଷ୍ପତ୍ତି ସରକାରଙ୍କୁ ଦେଲେ । ଏହାକୁ ଭିତ୍ତିକରି ୧୯୩୩ରେ ବ୍ରିଟିଶ ସରକାର ତାଙ୍କ ଶ୍ୱେତପତ୍ରକୁ ଶୁଣାଇଦେଲେ । ଏହି ଶ୍ୱେତପତ୍ର ଅନୁଯାଇ ପାରଳା ଓ ଜୟପୁର ସ୍ୱତନ୍ତ୍ର ଓଡ଼ିଶାରୁ ବାଦପଡ଼ିଲେ । ଏଣୁ ଏହାକୁ ପ୍ରତିବାଦ କରି ଶ୍ରୀ ଗଜପତି ଏବଂ ତାଙ୍କ ସମର୍ଥକ ଯଥା ଲିଙ୍ଗରାଜ ପାଣିଗ୍ରାହୀ, ଭୁବନା ନନ୍ଦ ଦାସ, ଶ୍ୟାମସୁନ୍ଦର ଗନ୍ତାୟତ ଏବଂ ଅନ୍ୟପ୍ରତିନିଧିମାନଙ୍କ ସହିତ ମିଶି ବିଲାତ ଯାଇ ଭାରତ ସଚିବ ସାମୁଏଲ ହୋରଙ୍କ ଦେଖାକଲେ । ଏହି ସାକ୍ଷାତ୍‌କାରରେ ଓଡ଼ିଶା ପ୍ରଦେଶ ସହିତ ଜୟପୁରକୁ ମିଶିବାକୁ ସେ ରାଜି ହେଲେ । କିନ୍ତୁ ପାରଳାକୁ ନହେଁ । ଏହି ପ୍ରସ୍ତାବିତ ଅପୂର୍ଣ୍ଣ ଓଡ଼ିଶା ପ୍ରଦେଶ ଗଠନ ବିରୋଧରେ ଉତ୍କଳ ସମ୍ମିଳନୀ ନିଷ୍ପତ୍ତି ନେଲା ଫେବୃୟାରୀ ୧୯୩୪ ମସିହାରେ । ସେହି ବର୍ଷ ଶ୍ରୀ ଗଜପତି ପୁଣି ତୃତୀୟ ଥରପାଇଁ ବିଲାତ ଗଲେ ଏବଂ ଅନ୍ତତଃ ପାରଳା ସହ ନିଜ ରାଜ୍ୟର ତିରିଶି ଶଂତାଶ ଓଡ଼ିଶାରେ ଦାବୀ କଲେ । ସେତେବେଳେ ପାରଳାଖେମୁଣ୍ଡି ମାନ୍ଦ୍ରାଜ ପ୍ରେସିଡେନସିରେ ଥିଲା । ଏହାର କଳେବର କୋରାପୁଟ, ଗଞ୍ଜାମ, ଫୁଲବାଣୀ, ଶ୍ରୀକାକୁଲମ, ସିଂହାଞ୍ଚଳ, ଛତ୍ରଗଡ଼, ମେଦିନାପୁର, ଷଢ଼େଇକାଳା ଏବଂ ଖରୁସଆଁ ଇତ୍ୟାଦି ଭେଦି ରହିଥିଲା । ସେତେବେଳର ଓଡ଼ିଶା କହିଲେ, କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଉଥିଲା । ଏହା ବଙ୍ଗ ପ୍ରେସିଡ଼େନ୍ସି ଅଧୀନରେ ଥିଲା । ଏସବୁ ସତ୍ତ୍ୱେ ପାରଳାଖେମୁଣ୍ଡି ଓଡ଼ିଶାରେ ମିଶିପାରିଲା ନାହିଁ । ପାର୍ଲିଆମେଣ୍ଟ ବସାଇଥିବା ଯୁଗ୍ମ କମିଟିର ଅଧ୍ୟକ୍ଷ ଲର୍ଡ଼ ଲିନଲିଥଗୋ ଯେତେବେଳେ ଭାରତର ବଡ଼ଲାଟ୍ ହେଲେ ଏବଂ କୃଷି କମିଶନ ଅଧ୍ୟକ୍ଷ ଭାବରେ ଶ୍ରୀ ଗଜପତିଙ୍କର ସହକର୍ମୀ ହେଲେ ସେମାନେ ଜୟପୁର ଇଷ୍ଟେଟ୍ ସହ ପାରଳା, ଜଳନ୍ତର, ମାଳଞ୍ଚଳ ଓ ପାରଳାଖେମୁଣ୍ଡି ଇତ୍ୟାଦିରୁ ପ୍ରସ୍ତାବିତ ଓଡ଼ିଶା ସହ ସାମିଲକୁ ସମର୍ଥନ କଲେ । ପ୍ରଥମେ ପାରଳାଖେମୁଣ୍ଡି କୋରାପୁଟର ଏକ ସବ୍‌ଡ଼ିଭିଜନ ଏବଂ ପରେ ଗଞ୍ଜାମ ଜିଲ୍ଲା ସହିତ ସଂଶ୍ଳିଷ୍ଟ ହେଲା । ଏହାଫଳରେ ପାରଳାଖେମୁଣ୍ଡି, ଜୟପୁର ଏବଂ କୋରାପୁଟ ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏପ୍ରିଲ ପହିଲା ୧୯୩୬ରେ ସମ୍ଭବ ହେଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ୧୯୯୨ରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ପାରଳାଖେମୁଣ୍ଡି ମହାରାଜାଙ୍କ ନାମେ ଗଜପତି ଜିଲ୍ଲା ଭାବରେ ଏହା ନାମିତ ହେଲା । ଶୁଣାଯାଏ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନେଇ ବାରମ୍ବାର ବିଲାତ ଯିବା ଫଳରେ ସେ ବାରମ୍ବାର ଅର୍ଥନୈତିକ ଚାପରେ ପଡ଼ିଥିଲେ ଏବଂ ସେଥିପାଇଁ କୁଆଡ଼େ ରାଜପ୍ରସାଦର ବହୁମୂଲ୍ୟବାନ ଅଳଙ୍କାର ପ୍ରଜାଙ୍କ ମଙ୍ଗଳ ପାଇଁ ବିକ୍ରି କରିଥିଲେ ଏବଂ ସେ ସମୟରେ ଲକ୍ଷେ ଟଙ୍କା କରଜ କରିଥିଲେ । ସବୁସତ୍ତ୍ୱେ ତାଙ୍କ ମନରେ ଅବଶୋଷ ରହିଗଲା । ସିଂହଭୂମି, ମେଦିନୀପୁର, ଷଢ଼େଇକଳା ଏବଂ ଖରସୁଆଁ ଇତ୍ୟାଦି ଓଡ଼ିଶାରେ ମିଶି ପାରିଲା ନାହିଁ । ଖରସୁଆଁ ପ୍ରତି ତାଙ୍କର ସାମୁହିକ ଏବଂ ବ୍ୟକ୍ତିଗତ ଦୁର୍ବଳତା ଥିଲା କାରଣ ସେ ଖରସୁଆଁର ରାଜ କନ୍ୟାଙ୍କୁ ସେ ବିବାହ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଓଡ଼ିଶାର ଦି' ଦି ଥର ମୁଖ୍ୟ ମନ୍ତ୍ରୀ ହୋଇପାରିଥିଲେ । ମାତ୍ର କେତେକ ପ୍ରତିକୂଳ ଅବସ୍ଥା ଓ ପରବର୍ତ୍ତୀ ସମୟରେ କେତେକ ଅସହଯୋଗ ଏବଂ ଅସହାୟତା ଯୋଗୁଁ ଆଉ ଆଗେଇ ପାରିନଥିଲେ । ୧୯୫୦ ମସିହା ଜାନୁଆରୀ ୨୬ତାରିଖ ଯାଏଁ ଗଣତାନ୍ତ୍ରିକରୀତିରେ ଦେଶର ନିର୍ବାଚନ ନଥିଲା । ସାମ୍ବିଧାନିକ ସରକାର ନଥିଲା । ଏତିକିବେଳେ ଓଡ଼ିଶା ସରକାର ଚାହିଁଥିଲେ, ତାଙ୍କ ଅପୂର୍ଣ୍ଣ କାମ ପୂର୍ଣ୍ଣ କରିପାରିଥା'ନ୍ତେ । ଓଲଟି ସେମାନେ କେନ୍ଦ୍ରକୁ ଲେଖିଲେ : ବିହାର ଏବଂ ଓଡ଼ିଶା ରାଜ୍ୟର ଉକ୍ତ ଅଞ୍ଚଳଗୁଡ଼ିକରେ ଆଦିବାସୀମାନେ ବସବାସ କରୁଛନ୍ତି । ସେମାନଙ୍କର ବିଚାରବୃଦ୍ଧି ଓ ରାଜନୈତିକ ଚେତନା ଅତି ନିମ୍ନସ୍ତର । ଅତ୍ୟାଚାରୀ ରାଜରାଜୁଡ଼ାମାନଙ୍କ ଠାରୁ ଗଣତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ସେମାନେ ଶିକ୍ଷି ନାହାଁନ୍ତି । ଯେଉଁ ପକ୍ଷରୁ ବଳିଷ୍ଠ ପ୍ରଚାର ହେବ, ଅଶିକ୍ଷିତ ଆଦିବାସୀମାନେ ସେହି ଦିଗକୁ ଢ଼ଳିବେ । ସୁତରାଂ ସେମାନେ ଯେଉଁଠାରେ ରହିବେ, ସେକଥା ଭାରତ ସରକାରଙ୍କ ଦ୍ୱାରା ନିର୍ଣ୍ଣିତ କରାଯାଉ । ତାହାହିଁ କଲେ ଭାରତ ସରକାର । ସେମାନେ ଓଡ଼ିଶାର ହେଲେ ନାହିଁ ଅଥଚ ଆମେ ଏଠି ମୁଣ୍ଡ କୋଡ଼ି ହେଉଛୁ ଯେ ଷଢ଼େଇକଳା, ଖରସୁଆଁ, ସିଂହଭୂମି ଏବଂ ମେଦିନାପୁର ଆମର । ସତ କହିଲେ ଭାଷା ଭିତ୍ତିରେ ଏକ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ନିର୍ଣ୍ଣିତ ହେଲା କିନ୍ତୁ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ସ୍ୱପ୍ନ ଅଧୁରା ରହିଗଲା ।


+ ବିପିନ ବିହାରୀ
ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୧୩୮


## କବିତା କୋଣାର୍କ

### ସ୍ୱାଭିମାନ ସମ୍ପତ୍ତି ମୋର...

ବିନୟ ଭୂଷଣ ପାଣିଗ୍ରାହୀ



ଓଡ଼ିଆ ପୁଅ ମୁଁ କୋଡିଆ ନୁହେଁରେ
ଟାଙ୍ଗର ଭୂଇଁରେ ପ୍ରାଣ ଭରିବାରେ
ଶ୍ରେଷ୍ଠ ବିନ୍ଧାଣି ମୁଁ ଜାଣିଛି ଭାରତ
ହାତଟେକା ଭାତ ଖାଇ ଜୀଇଁବାଠୁଁ
ମୃତ୍ୟୁକୁ ଅଧିକ ମଣେ ଶ୍ରେୟସ୍କର ।

ଅଭିମନ୍ତ୍ରିତ ନିହାଣ ମୁଗୁରେ
କାଠ-ପଥରକୁ ଜୀବନ୍ୟାସ ଦେଇ
ଯୁଗଯୁଗ ପାଇଁ କରଇ ଅମର,
ପାଞ୍ଚହାତି ପାଟଶାଢୀରେ ସଜାଏ
ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିର ସମ୍ଭାର,
ଓଡ଼ିଆ ମୁଁ ସ୍ୱାବଲମ୍ବୀ କଳାକାର
ଦାନରେ ଜୀବନ ଲୋଡାନାହିଁ ମୋର ।

ଇତିହାସ ବହି ପ୍ରତ୍ୟେକ ପୃଷ୍ଠାରେ,
ଖୋଦିତ ହେଇଛି ସ୍ୱର୍ଣ୍ଣିମ ଅକ୍ଷରେ
ଦେଶ ମାତୃକାର ସ୍ୱାଧୀନତା ପାଇଁ
ମୋ ପୂର୍ବପୁରୁଷ ଅସୀ ଧରି ହାତେ
ଲଢ଼ିଥିଲେ କେତେ ପରାକ୍ରମୀ ସାଜି
ମାରିଥିଲେ କେତେ,କେତେ ମରିଥିଲେ
ରଖିଛକି କେହି ହିସାବ ତା'ର ।

ଓଡ଼ିଆ ପୁଅ ମୁଁ, ଭାରୀ ସ୍ୱାଭିମାନୀ
ମୋ ରାଜ୍ୟର ମାଟି-ପାଣି-ପବନରେ
ଭେଦିଛି ମୋହର ରକ୍ତ ହେଇ ପାଣି
ଶୁଣେ ମୋର କର୍ଣ୍ଣ କ୍ଷଣ ଅନୁକ୍ଷଣ
ପୂର୍ବପୁରୁଷଙ୍କ ବୀରତ୍ୱ କାହାଣୀ,
ମୋ'ରାଜ୍ୟର କବି କଲମ ତୋଳଇ
'ବନ୍ଦେ ଉତ୍କଳ ଜନନୀ' ଝଙ୍କାର ।


+ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ,ଓଡିଶା-୭୫୬୧୩୧
ମୋ:୯୯୩୭୫୪୮୪୩୧


### ନିଦାଘ ଏ ବେଳ କାଳେ...

ରାହାସ କୁମାର ବେହେରା



ନିଦାଘ ଏ ବେଳ କାଳେ
ଅସ୍ଥିର ଭାବ ହିଲ୍ଲୋଳେ
ମହମ ପରି ଶରୀର ଯାଏ ତରଳି
ପ୍ରୀତି ପ୍ରିୟା ବସେ ଭାଳି
ନୟନୁ ଲୋତକ ଢାଳି
ବିରହେ ମରେ ଗୁମାନେ
ଭାଗ୍ୟ ଆଦରି ।


ଚୋରି ହୁଏ ମଧୁକାଳ
ଝୁରେ ମଧୁପ ପାଗଳ
ଫୁଲ ଝଡି ଶୁଖିଯାଏ ଆସିଛି ତାପ
ନିର୍ଦ୍ଦୟ ବେରସିକ ପଣେ
ପ୍ରୀତି କୁଞ୍ଜ ଉପବନେ
ଝାଞ୍ଜି ବୋହି ତ[ ଶୁଖେ ଦେଇ ସନ୍ତାପ ।

ଆଶାର ଏ ମରୀଚିକା
ଶୋଷରେ କେତେ ହୀନସ୍ଥା
ଜଳ ବିନା ଆତ୍ମ ଦାହେ ଝାଉଁଳି ପଡେ
କେମିତି ଏ ସର୍ବହରା
ଅଗ୍ନିକୀ ରୌଦ୍ର ତୋରା
ଅଭାଗିନୀ ପ୍ରେମ ତରି ନିଦ ବିଗାଡେ ।

କାକ ପିକ ଦିଗହରା
କଣ୍ଠେ କର୍କଶର ଧାରା
ଶ୍ରୀ ହୀନ ଦିଶେ ପ୍ରକୃତି ଆଭା ଯୌବନ
ଝୁରି ମିଳନ ପ୍ରତ୍ୟାଶା
ଅଙ୍ଗ ଧୋଉନି ବରଷା
ଶୁଷ୍କ ଚିତେ ନାହିଁ ଖୁସି ଲାଗେ ଗହନ ।

ସେପାରି ବରଫ ଦେଶେ
ଅଦିନିଆ ବଢି ଆସେ
ଗିରିସମେ ବାଆ ବୋହି ସୂରୁଜ କୋପେ
ନାହିଁ ଶୀତ ଶୁଭେ ତ୍ରାହି
ମଉସୁମୀ ଆସି ନାହିଁ
କେମିତି ବଂଚିବ ସୃଷ୍ଟି ଏଠି ଆତଙ୍କେ ।


+ବାଲ୍ୟାମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ: ୯୪୩୮୧୧୪୩୬୮

## କବିତା କୋଣାର୍କ

### କିଛିପୃଷ୍ଠା ...

ସୁବ୍ରତ କୁମାର ଜେନା



କିଛି ପୃଷ୍ଠା ଲେଖିଥିଲି ,
କେହିନା କେହିଜଣେ
ପଢିବ ବୋଲି,
ହୁଏତ କାହାକୁ ଭଲ ଲାଗିପାରେ,
ମୁଁରୁ ମୁତ୍‌କୁ ପରିପ୍ରକାଶ
କରିବାର ନିଶାରେ,
ଅଜଣା ଏକ ନୂଆ
ଉନ୍ମାଦନା ଛୁଇଁଲା ପରେ,
ଯେବେ ନୂଆକରି ପ୍ରେମରେ
ପର ଲାଗିଲା,
ଉଡାଣ ଭରିବାକୁ ଚେଷ୍ଟା
ସାରା ଆକାଶରେ ।

ଏଣେ ତେଣେ ଧାଉଁଥିଲା ଜୀବନ,
କିଛି ସାରୁପତ୍ରରେ ଢଳ ଢଳ,
କିଛି ପୁଣି ତରଳରୁ ବାଷ୍ପୀୟ
ଅନୁଭୁତିରେ ଲିପ୍ତ,
ଜୀବନ ଜଳୁଥିଲା
ଅବା ଜଳାଉଥିଲା,
ଏକ ବଡ଼ ପ୍ରଶ୍ନବାଚୀ !

ତଥାପି ଫଗୁଣ ଆସୁଥିଲା
ରଙ୍ଗର ପସରା ନେଇ,
ଅସମୟରେ ହେଉପଛେ ଟିକେ ସୁଖ
ଦୁଃଖ ବୁଝିବାକୁ,
ଏଥିରୁ ମୋ ଲିଖିତ ପୃଷ୍ଠା ବି ବାଦ
କେମିତି ଯାଇଥାନ୍ତା ।

ପୃଷ୍ଠାଟି ଆଗଭଳି ଆଉ
ରଙ୍ଗୀନ ନାହିଁ,
ପରିବର୍ତ୍ତନ ନୁହଁ ସମୟର
ଆହ୍ୱାନରେ ଜରାକ୍ରାନ୍ତ,
ମଳିନ ପଡ଼ିଗଲେଣି ଶବ୍ଦ ସମୂହ,
ସେ ଚମକ ହଜିଯାଇଛି ସମୁଦ୍ର ଗର୍ଭରେ
ଶାମୁକା ଖୋଳୁ ଖୋଳୁ,
ଏତେ ସବୁ ସାରକଥା
ସବୁ ଆଜି ନିରର୍ଥକ,
ତଥାପି ବାସ୍ନା ବଞ୍ଚାଇ ରଖିଛି
ନିଜର ପଣିଆକୁ,
ହୁଏତ କେବେ କେଉଁଭାବରେ
ଲେଉଟାଇପାରେ ଆଗ୍ରହରେ ।


+ସୁରଡ଼ିହ,ନନ୍ଦିପୁର,ଯାଜପୁର
ଦୂରଭାଷ -୮୨୪୯୨୨୦୮୩୦

# ମାରାତ୍ମକ ନିଃସଙ୍ଗତା

નିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏନିଁଭିନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢ଼ୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟୁବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।





## ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ୍ୟ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।

## କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ୍ୟ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ

## ଏକାପଣ ଖରାପ ନୁହେଁ:



ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ରିଅନ ଓ କଟନ ସିଲ୍କ







ଋତୁ ଅନୁଯାୟୀ ପୋଷାକ ପରିଧାନ ଜରୁରୀ । ତେବେ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମଋତୁରେ ପରିଧାନ କର୍ମଜୀବୀ ମହିଳା, ପୁରୁଷ ଓ କଲେଜ ପଢ଼ୁଆ ପିଲାମାନେ ପରିଧାନ ନେଇ ବେଶ ସଚେତନ ରହିଥାନ୍ତି । ବିଶେଣଷ କରି ଗ୍ରୀଷ୍ମରେ ପତଳା ପୋଷାକ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ । ଏହା ଗରମରୁ ରକ୍ଷା କରିବା ସହିତ ଆକର୍ଷଣୀୟ ହୋଇଥାଏ । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ବିଭିନ୍ନ ପ୍ରକାରର ପୋଷାକ ଆସିଯାଇଛି । ଡ୍ରେସ ଡିଜାଇନରମାନେ ଖରାଦିନ ପାଇଁ ଖଦି, ରିଅନ, ସିଲ୍କ କଟନ, କଟନ ଆଦି କପଡ଼ାରେ ପୋଷାକ ପ୍ରସ୍ତୁତ କରୁଛନ୍ତି । ଗ୍ରୀଷ୍ମ ଫେସନରେ ଖଦି, ରିଅନ, ସିଲ୍କକଟନ, କଟନ ଓ ଲକ୍ଷ୍ନୌ ଷ୍ଟିଚ ଆଦି କପଡ଼ାର କୁର୍ତ୍ତା, ସରାରା, ଗରାରା ପୋଷକ ଆଗରେ ରହିଛି । ସେହିଭଳି ଏହି ସବୁ ପ୍ରତିଦିନ ପରିଧାନରେ ଚାଲୁଥିବା ବେଳେ ଖରାଦିନ କୌଣସି ଉତ୍ସବରେ ପିନ୍ଧିବା ପାଇଁ ଉକ୍ତ କପଡ଼ାରେ ଗାଉନ ବିଭିନ୍ନ ପ୍ରକାର ଡିଜାଇନ କରି ପିନ୍ଧି ହେବ । ଯାହାକି ଗରମ ଦାଉରୁ ରକ୍ଷା ପାଇ ହେବ । ସେହିଭଳି ଜିନସ ପିନ୍ଧୁଥିବା ଝିଅମାନେ ସର୍ଟ କୁର୍ତ୍ତା ସହ ବିଭିନ୍ନ ଡିଜାଇନର କଟନ, ରିଅନ କପଡ଼ାରେ ସ୍କାର୍ଫ ବ୍ୟବହାର କରିପାରିବେ।

ଶାଢ଼ି:- ଡ୍ରେସ ସହ ଶାଢ଼ି ପିନ୍ଧୁଥିବା ମହିଳାମାନେ ମଧ୍ୟ ଗ୍ରୀଷ୍ମ ଋତୁରେ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଜର୍ଜେଟ୍, ସିଫନ, କଟନ ସିଲ୍କ ଶାଢ଼ି ବ୍ୟବହାର କଲେ ଏହା ଗରମରୁ ରକ୍ଷା କରିପାରିବ । ସଭା, ସମିତି ଉତ୍ସବାନୁଷ୍ଠାନରେ ମଧ୍ୟ ହାଲୁକା କପଡାର ବିଭିନ୍ନ ଡିଜାଇନ କରାଯାଇଥିବା ଶାଢ଼ି ପିନ୍ଧିପାରିବେ ।

ପୁରୁଷ:- କେବଳ ମହିଳାମାନେ ନୁହନ୍ତି, ପୁରୁଷମାନେ ମ୍ୟ ଗରମ ପାଇଁ ଜିନସ ସହ କୁର୍ତ୍ତା ଓ କଯନ ଓ କିଲେନରେ ତିଆରି ଲମ୍ୱା କୁର୍ତ୍ତା ଓ ଟ୍ରାଉଜର ପିନ୍ଧି ପାରିବେ । ରଙ୍ଗ ଗୁରୁତ୍ୱ; ଏହି ସବୁ ପରିଧାନରେ ରଙ୍ଗ ବହୁତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମ ଦିନେ ହାଲୁକା ରଙ୍ଗର ପରିଧାନ ପିନ୍ଧିବା ଉଚିତ । ବିଶେଷ କରି ଧଳା ପୋଷାକ ଖରାଦିନେ ବହୁତ ବିକ୍ରି ହୋଇଥାଏ । ବକ୍ସିବଜାରର ଜଣେ ଡିଜାଇନର ଦୀପିକା କୁହନ୍ତି । ନିଜକୁ ଆରାମ ଓ ମାନୁ ଥିବା ପୋଷାକ, ବିଶେଷ କରି ହାଲୁକା ରିଅନ, କଟନ, ଲିଲେ ନ କପଡ଼ାରେ ପ୍ରସ୍ତୁତ ପୋଷାକ ପିନ୍ଧିବା ଉଚିତ । ବର୍ତ୍ତମାନ ବଜାରରେ ଏହିସବୁ ପୋଷାକ ଚାହିଦା ବି ବଢ଼ିଛି ।

# ଗ୍ରୀଷ୍ମରେ ତରଭୁଜ ରସ

ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ପାନୀୟ ହେଉଛି ତରଭୁଜ ରସ । ଗ୍ରୀଷ୍ମଋତୁରେ ପ୍ରତ୍ୟହ ତରଭୁଜ ଫଳ ଖାଇବା ସହ ଏହାର ରସ ପିଇବା ଖୁବ ହିତକାରୀ । ତରଭୁଜରେ ଫାଳେ ଲେମ୍ବୁ, ଚିପୁଡ଼ି ଓ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ଶରୀରକୁ ଶକ୍ତି ମିଳେ । ପୋଷକତତ୍ତ୍ୱ ଭରପୂର ଏଇ ପାନୀୟକୁ ସକାଳବେଳା ପିଇବା ଅଧିକ ଭଲ । ଖରାରେ ବାହାରକୁ ଯିବା ପୂର୍ବରୁ ଓ ଫେରିବା ପରେ ତରଭୁଜ ରସ ପିଅନ୍ତୁ । ଭିଟାମିନ ଏ ସି ପୋଟାସିୟମ ମ୍ୟାଗ୍ନେସିୟମ ଥିବା ତରଭୁଜ ଖାଇଲେ ପେଟ ଥଣ୍ଡା ରହେ ଓ ଖାଦ୍ୟ ଭଲଭାବେ ହଜମ ହେଉଥିବାର ବିଶେଷଜ୍ଞଙ୍କ ମତ । ତରଭୁଜ ଖାଇଲେ କର୍କଟ ହେବାର ଆଙ୍କା ଜମିଥାଏ ହୃଦରୋଗୀଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ ।



# ଅଂଶୁଘାତ ସତର୍କତା....

କ୍ରମାଗତ ତାପମାତ୍ରା ବୃଦ୍ଧି ଅଂଶୁଘାତ ଆଶଙ୍କା ବଢ଼ାଏ; ସତର୍କ ରହନ୍ତୁ ବିପଦରେ ପଡ଼ିବେ ନାହିଁ ଏବେଂ ଜୀବନ ସୁରକ୍ଷିତ ରହିବ । ଦିନକୁ ଅତି କମରେ ଅଢ଼େଇରୁ ତିନି ଲିଟର ପାଣି ପିଅନ୍ତୁ । ଏଥିରେ କଳାଜିରା, ଲେମ୍ବୁରସ, ଥାଲକୁଡ଼ି ପତ୍ର କିମ୍ବା ପୁଦିନା ରସ ପକାଇ ପିଇଲେ ଭଲ । ମଝିରେ ସୋଡ଼ା ଓ ଲୁଣ ମିଶ୍ରିତ ଜଳ କିମ୍ବା ଓଆରଏସ, ଘୋଳ ଦହି କିମ୍ବା ତୋରାଣି ପିଅନ୍ତୁ । ଶରୀରର ଇଲେକ୍ଟ୍ରୋଲାଇଟର ମାତ୍ର ସନ୍ତୁଳିତ ରହିବ ଏବଂ ଅଂଶୁଘାତରେ ପଡ଼ିବେ ପନାହିଁ । ଅତ୍ୟଧିକ ଚାହା, କଫି, ମୃଦୁପାନୀୟ ଓ ଆଲକୋହଲ ଠାରୁ କ୍ଷାନ୍ତ ରହନ୍ତୁ । କାକୁଡ଼ି, ତରଭୁଜ, ସପୁରି ଆଦି ଖାଆନ୍ତୁ। ଏଗୁଡ଼ିକ ପଟାସିୟମ ଭିଟାମିନ ସି, ଏ ଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ ଥିବାରୁ ଶରୀର ସୁସ୍ଥ ରହେ । ରାସ୍ତାକଡ଼ ଖାଦ୍ୟ, ଫାଷ୍ଟ ଫୁଡ, ମସଲାଯୁକ୍ତ ଖାଦ୍ୟ କମାନ୍ତୁ । କପାଳରେ ଶ୍ୱେତଚନ୍ଦନ ଲଗାନ୍ତୁ, ଥଣ୍ଡା ରହିବ । ବାହାରକୁ ଯିବାବେଳେ ହାଲୁକା ରଙ୍ଗର ସୂତା ପୋଷାକ ପିନ୍ଧନ୍ତୁ, ଟୋପି ଓ ଛତା ବ୍ୟବହାର କରନ୍ତୁ, ପାଣି ବୋତଲ ନିଅନ୍ତୁ କଳାର ଚଷମା ଲଗାନ୍ତୁ ।



# ଚାଷୀଭାଇ ଓ ଭଉଣୀମାନଙ୍କ ନିମନ୍ତେ ପରାମର୍ଶ

୧। ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ସୁଷମ ସାର ପ୍ରୟୋଗ କରନ୍ତୁ ।

୨। ରବି ଧାନ ଫସଲକୁ ଅମଳ କରି ଯତ୍ନ ସହକାରେ ବିହନ ପାଇଁ ସାଇତି ରଖନ୍ତୁ ଓ ବଳକା ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିବା ପାଇଁ ନିକଟସ୍ଥ ସମବାୟ ସମିତି (PACS/LAMPS)ରେ ନିଜର ନାମକୁ ପଞ୍ଜୀକୃତ କରନ୍ତୁ ।

୩। ନିଶ୍ଚିନ୍ତ ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ଓ ଶଙ୍କର ବିହନ ବ୍ୟବହାର କରନ୍ତୁ, ପଞ୍ଜୀକୃତ ବିହନ ବିକ୍ରେତାଙ୍କଠାରୁ ବିହନ କ୍ରୟ କରି ବୁଣିବା ପୂର୍ବରୁ ବିହନର ଗଜା ଶକ୍ତି ପରୀକ୍ଷା କରନ୍ତୁ ।

୪। ଆତ୍ମା ମାଧ୍ୟମରେ ୧ ଏକର ବିଶିଷ୍ଟ ପ୍ରଦର୍ଶନୀ କ୍ଷେତ୍ର କରିବାର ବ୍ୟବସ୍ଥା ଅଛି, ଏଥିପାଇଁ ନିକଟସ୍ଥ ଗୋଷ୍ଠୀ କୃଷକ ଉପଦେଷ୍ଟା ମଣ୍ଡଳୀ ସହ (BFAC) ସହ ଯୋଗାଯୋଗ କରନ୍ତୁ ।

୫। ଫସଲର ସମନ୍ୱିତ ଖାଦ୍ୟସାର ଓ ରୋଗ ପୋକ ପରିଚାଳନା ଉପରେ ଗୁରୁତ୍ୱ ଦିଅନ୍ତୁ ।

୬। ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଧାନ ଫସଲ ପାଇଁ ବୀମା କରି ନିଅନ୍ତୁ ଏଥିପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀ ବା ଗ୍ରାମ୍ୟ କୃଷି କର୍ମଚାରୀ ସହ ଯୋଗାଯୋଗ କରନ୍ତୁ ।

୭। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ କୃଷି ଯନ୍ତ୍ରପାତି କିଣିବାରେ ରିହାତିର ସୁଯୋଗ ନିଅନ୍ତୁ ।

୮। "ବଳରାମ" ଯୋଜନାରେ ଭାଗ ଚାଷୀ ଭାଇମାନେ (Share Cropper) ମିଳିତ ଦେୟ ଗୋଷ୍ଠୀ ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକସାଥିଙ୍କ ସହ ଯୋଗାଯୋଗ କରନ୍ତୁ ।

୯। ଫସଲର ଅମଳ ପରିମାଣ ଜାଣିବା ପାଇଁ ଓ ଫସଲ ବୀମା ପାଇବା ପାଇଁ ଶସ୍ୟ କାଟ (CCE) ସମୟରେ ସ୍ଥାନୀୟ ସରକାରୀ କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।

୧୦। ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେଇ ନିଜର ଆୟକୁ ଦ୍ୱିଗୁଣିତ କରନ୍ତୁ ।

୧୧। କୋଭିଡ-୧୯ ନିର୍ଦ୍ଦେଶାବଳୀ ମାନି ବିଭିନ୍ନ କୃଷି କାର୍ଯ୍ୟ ଓ ବିକ୍ରୀବଟା କରିବା ସମୟରେ ଅନୁମୋଦିତ ସତର୍କତା ଯଥା ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରନ୍ତୁ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,
ବାଲେଶ୍ୱର

# ପ୍ରତିଦିନ ଗୋଟେ ଅଣ୍ଡା ଖାଇଲେ ଶରୀରର ଏସବୁ ସମସ୍ୟା ଦୂର ହେବ

ଅଣ୍ଡାକୁ ସୁପରଫୁଡ୍ ବୋଲି କୁହାଯାଏ, ଯେଉଁଥିରେ ପ୍ରୋଟିନ୍, କ୍ୟାଲ୍ସିୟମ୍, ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଏ ଏବଂ ବିର ମାତ୍ରା ଭରପୂର ମାତ୍ରାରେ ରହିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରର ଅଧା ରୋଗ ଭଲ ହୋଇ ଯାଇଥାଏ । ଏହା ସହ ପ୍ରତିଦିନ ଗୋଟେ ଅଣ୍ଡା ଖାଇବା ଦ୍ୱାରା ମଧୁମେହ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି କିଛି ଦିନ ତଳେ ହୋଇଥିବା ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି । ମଧୁମେହ ରୋଗୀଙ୍କୁ ଅଣ୍ଡା ସିଝାଇ ଖାଇବା ଦରକାର ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ମଧୁମେହ ରୋଗୀଙ୍କ ଅଣ୍ଡା ଖାଇବାକୁ ନେଇ ବିଭିନ୍ନ ଗବେଷକମାନେ ଭିନ୍ନ ଭିନ୍ନ ମତ ଦେଇଛନ୍ତି । କିଛି ବୈଜ୍ଞାନିକମାନେ ଏହାକୁ ଭଲ କହିବା ସହ କିଛି ବୈଜ୍ଞାନିକମାନେ ମଧୁମେହ ରୋଗୀଙ୍କ ପାଇଁ ଅଣ୍ଡା ଭଲ ନୁହେଁ ବୋଲି ମତ ରଖିଛନ୍ତି । ଏବେ ଆସନ୍ତୁ ଜାଣିବା ଅଣ୍ଡା ଖାଇବାର ଅନ୍ୟ କିଛି ଫାଇଦା ବିଷୟରେ....

୧. ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଅଣ୍ଡା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

୨. ଓଜନ କମ୍ କରିବାକୁ ଚାହୁଁଥିବା ଲୋକମାନେ ଅଣ୍ଡାର ସେବନ କରି ପାରିବେ। ଅଣ୍ଡା ଖାଇବା ଦ୍ୱାରା ସାରାଦିନ ପେଟ ପୁରିବା ଭଳି ଅନୁଭବ ହେବା ସହ ଭୋକ କମ୍ ଲାଗିଥାଏ ।

୩. ଅଣ୍ଡାରେ କଲିନ୍ ଏବଂ କେରୋଟିନଏଡ୍ସ ନାମକ ପୋଷକ ତତ୍ତ୍ୱ ରହିଥାଏ, ଯାହା ଆଖି ଏବଂ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ।

୪.ଅଣ୍ଡାର ସେବନ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲର ମାତ୍ରା କମ ହୋଇଥାଏ, ଯାହାଦ୍ୱାରା ହୃଦୟ ସୁସ୍ଥ ରହିବା ସହ ହୃଦ୍‌ଘାତ ହେବାର ଆଶଙ୍କା କମ ହୋଇଥାଏ ।

# ଦ୍ୱିପ୍ରହର ବିଶ୍ରାମର ଆବଶ୍ୟକତା

ବିଶେଷଜ୍ଞଙ୍କ ମତରେ ଦ୍ୱିପ୍ରହର ସମୟରେ ବିଶ୍ରାମ ନେବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ । ବିଶେଷ କରି ପେଟପୂରା ଭୋଜନ କରି ଦିନବେଳା ଶୋଇବା ଅନୁଚିତ । ନିକଟରେ କିନ୍ତୁ ଗ୍ଲାସଗୋ ବିଶ୍ୱବିଦ୍ୟାଳୟର ଗବେଷକଦଳ ୧୧ମାସ ଅନୁଧ୍ୟାନ କରିବା ପରେ ପ୍ରକାଶ କରିଛନ୍ତି ଯେ ଦୈନିକ ୧୫-୨୦ ମିନିଟ୍ ଦିନବେଳା ବିଶ୍ରାମ ନେବା ସ୍ୱାସ୍ଥ୍ୟ ପାଇଁ ଭଲ ।

କାର୍ଯ୍ୟାଳୟ ହେଉ ବା ଘର, ଭୋଜନ ପରେ ଦ୍ୱିପ୍ରହର ସମୟରେ କିଛି ସମୟ ଚଉକିରେ ବସି ପତ୍ରିକା ପଢ଼ନ୍ତୁ ଅବା ଗୀତ ଶୁଣନ୍ତୁ । ଏପରି କଲେ ମନକୁ ଶାନ୍ତି ମିଳିଥାଏ ବୋଲି ସଂଖ୍ୟାଧିକ ଲୋକ ପ୍ରକାଶ କରିଛନ୍ତି ।


କର୍ମଜୀବୀ ଲୋକ କାମର ଚାପରେ ଏକରକମ ଅତିଷ୍ଠ ହୋଇଯାନ୍ତି । ହେଲେ ଦିନବେଳା ଏଇ କିଛି ସମୟର ବିଶ୍ରାମ ସେମାନଙ୍କ ଶରୀରକୁ ପୁଣି ଶକ୍ତି ଯୋଗାଇଥାଏ ।

ଗଭୀର ନିଦ୍ରା ଦିନବେଳା ଯିବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥା, । ଅନୁଧ୍ୟାନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଦିନବେଳା ବିଶ୍ରାମ ନେଲେ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

ପ୍ରତ୍ୟେକ ବର୍ଗ ଓ ବୟସର ଲୋକ କିଛି ସମୟ ବାହାର କରି ଦିନବେଳା ବିଶ୍ରାମ ନେବା ଭଲ ବୋଲି ବିଶେଷଜ୍ଞଙ୍କ ମତ ।



# ରାଜ୍ୟରେ ବଢୁଥିବା କରୋନା ପରିସଂଖ୍ୟାନ ଉଦ୍‌ବେଗଜନକ ନୁହେଁ : ନିରଞ୍ଜନ ମିଶ୍ର



ଭୁବନେଶ୍ୱର,୬।୪ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଗଣମାଧ୍ୟମରେ ନିଜର ମତ ରଖିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସେ କହିଛନ୍ତି କି ରାଜ୍ୟରେ ବଢୁଥିବା ପରିସଂଖ୍ୟାନ ଉଦବେଗ ଜନକ ନୁହେଁ । ଅଧିକ ଲୋକ ଟ୍ରେସିଂ ଟେଷ୍ଟିଂ ହୋଇ ଆଇସୋଲେସନ କରାଯିବାଟା ଭଲ । ଜାତୀୟ ହାର ତୁଳନାରେ ଆମ ରାଜ୍ୟର ସ୍ଥିତି ବହୁତ ଭଲ ରହିଛି । ଯେଉଁମାନେ ବାହାର ରାଜ୍ୟରୁ ଆସୁଛନ୍ତି ସେମାନଙ୍କୁ କୁହାଯାଇଛି ଆରଟିପିସିଆର ଟେଷ୍ଟିଂ ରିପୋର୍ଟ ଧରି ଆସିବାକୁ। ମେଡିସିନ ଓ ବେଡ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଜିଲ୍ଲାପାଳମାନଙ୍କୁ କୁହାଯାଇଛି ଘରୋଇ ହସ୍ପିଟାଲକୁ ପ୍ରସ୍ତୁତ ରଖିବା ପାଇଁ । ବର୍ତ୍ତମାନ କଟକଣା ଅପେକ୍ଷା ସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି । ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିସନରମାନଙ୍କୁ କୁହାଯାଇଛି ସ୍ଥିତି ଦେଖି ନିଷ୍ପତ୍ତି ନେବା ଲାଗି । ଯେଉଁଠି ଆବଶ୍ୟକ ପଡ଼ିବ ସେଠି ପଦକ୍ଷେପ ନିଆଯିବ । ଅଯଥା ଟେଷ୍ଟିଂ କରିବା ଅପେକ୍ଷା ଆମେ ଟାର୍ଗେଟ ଟେଷ୍ଟିଂ କରୁଛୁ । ତେଣୁ ଏବେ ଟେଷ୍ଟିଂ ଟିକିଏ କମ ରହିଛି । ଆଗକୁ ଧୀରେ ଧୀରେ ଟେଷ୍ଟିଂ ଆମେ ବଢ଼ାଇବୁ । ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋକମାନଙ୍କୁ ସଚେତନ କରାଯାଉଛି, କାମ ନଥିଲେ ପଡ଼ୋଶୀ ରାଜ୍ୟକୁ ନ ଯିବା ପାଇଁ।

# ରାଜ୍ୟରେ ବିଦ୍ୟୁତ ଦର ବଢିବା ପଛରେ ରହିଛି ରାଜ୍ୟ ସରକାରଙ୍କ ବଡ ଦୁର୍ନୀତି : ବିଜେପି

ଭୁବନେଶ୍ୱର,୬।୪ (ନି.ପ୍ର): ବିଦ୍ୟୁତ କ୍ଷେତ୍ର ଏବଂ ଜମି ଦୁର୍ନୀତିରେ ରାଜ୍ୟ ରାଜକୋଷରୁ ବ୍ୟାପକ ଅର୍ଥ କ୍ଷତି ହୋଇଛି ବୋଲି ସିଏଜି ରିପୋର୍ଟରୁ ଜଣାପଡିଛି । ୨୦୧୩-୧୪ରେ ବିଦ୍ୟୁତ ଉତ୍ପାଦନରେ ଏଟି ଆଣ୍ଡ ସି କ୍ଷତି ୩୭ ପ୍ରତିଶତ ଥିବା ଜଣାପଡିଥିଲା, ଯାହା କି ୨୨ ପ୍ରତିଶତରୁ ଅଧିକ ହେବା କଥା ନୁହେଁ ବୋଲି ଓଇଆରସି ସମୀକ୍ଷା କରିଥିଲା । ଏହିକ୍ଷତି ଭରଣା କରିବା ପାଇଁ ଆଗାମୀ ୩ ବର୍ଷ ମଧ୍ୟରେ ୨୬୦୦ କୋଟି ଟଙ୍କାରେ ୫୦୦ ନୂଆ ଟ୍ରାନ୍ସଫରମର ଲଗାଇବା ପାଇଁ ଯୋଜନା ହୋଇଥିଲା । ଏହା ମଧ୍ୟରେ ୮/୯ ବର୍ଷ ବିତିଗଲା ପରେ ବି ରାଜ୍ୟ ସରକାର ମାତ୍ର ୩୫ ପ୍ରତିଶତ କାର୍ଯ୍ୟ ସାରିଛନ୍ତି ବୋଲି ବିଜେପି ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଅହେତୁକ ଅନୁକମ୍ପା ଦେଖାଇ ରାଜ୍ୟ ସରକାର ଯୋଗ୍ୟତା ନଥିବା ୫ଟି ସଂସ୍ଥାକୁ ରାଜ୍ୟ ସରକାର ଟ୍ରାନ୍ସଫରମର କିଣିବାକୁ ଅନୁମତି ଦେଇଥିଲେ । ୩୬ଟି ଟ୍ରାନ୍ସଫରମର ଲଗାଇବାର ଯୋଗ୍ୟତା ଥିବାବେଳେ ଗୁପ୍ତା ପାୱାରକୁ ୯୫ ଟି ଟ୍ରାନ୍ସଫରମର ଲଗାଇବା ପାଇଁ ଅନୁମତି ଦିଆଗଲା । ସେହିପରି ଏଲଆଣ୍ଡଟିକୁ ୨୪ଟି ଟ୍ରାନ୍ସଫରମର ଦେବା ବଦଳରେ ୧୨୩ଟି ଟ୍ରାନ୍ସଫରମର ଲଗାଇବା କାର୍ଯ୍ୟ ଦିଆଯାଇଥିଲା । ସମୁଦାୟ ୩୯୯ଟି ଟ୍ରାନ୍ସଫରମରରୁ ମାତ୍ର ୧୦୯ଟି ଟ୍ରାନ୍ସଫରମର ବର୍ତ୍ତମାନ ସୁଦ୍ଧା ଲଗାଯାଇଛି । ଓପିଟିସିଏଲର ଟ୍ରାନ୍ସଫରମର ଲଗାଇବାର ନିଜର କ୍ଷମତା ଥିବା ସତ୍ତ୍ୱେ ଘରୋଇ କମ୍ପାନୀକୁ ଲାଭ ଦେବା ପାଇଁ ସୁଯୋଗ ଦିଆଯାଇଛି । ଟ୍ରାନ୍ସଫରମର କିଣାବିକାରେ ୧୭୫ କୋଟି କ୍ଷତି ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ନିର୍ଦ୍ଧାରିତ ସମୟରେ ଟ୍ରାନ୍ସଫରମର ବସାନଗଲେ ସଂପୃକ୍ତ କଂପାନୀ ୧୦୦ କୋଟି ଟଙ୍କା ପେନାଲିଟି ଦେବା କଥା , କିନ୍ତୁ ସେ ଟଙ୍କାକୁ ରାଜ୍ୟ ସରକାର ଛାଡି ଦେଇଛନ୍ତି । ଓଡିଶା ବିଦ୍ୟୁତ ଉତ୍ପାଦନ କରି ଦିଲ୍ଲୀକୁ ବିକ୍ରି କରୁଛି ଏବଂ ଦିଲ୍ଲୀ ସରକାର ଦିଲ୍ଲୀବାସୀଙ୍କୁ ମାଗଣାରେ ବିଦ୍ୟୁତ ସେବା ଯୋଗାଉଛନ୍ତି । ରାଜ୍ୟ ସରକାର ବିଦ୍ୟୁତ ଉତ୍ପାଦନ କରି ରାଜ୍ୟବାସୀଙ୍କୁ ଚଢ଼ା ଦରରେ ବିକ୍ରି କରୁଛନ୍ତି ।

## ପଶ୍ଚିମ ଓଡ଼ିଶାରେ ବଢୁଛି କରୋନା ସଂକ୍ରମଣ: ୪ ଜିଲ୍ଲାକୁ ଗଲେ ୩୬ ପିଜି ଡାକ୍ତର

ଭୁବନେଶ୍ୱର ,୬।୪ (ନି.ପ୍ର): ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦେଖି ରାଜ୍ୟ ସରକାର ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପଶ୍ଚିମ ଓଡ଼ିଶାର ୪ ଜିଲ୍ଲାକୁ ୩୬ଜଣ ପିଜି ଡାକ୍ତରଙ୍କୁ ପଠାଯାଇଛି। ଏସ୍‌ସିବି, ଭିମସାରରେ ଏହି ସବୁ ଡାକ୍ତର ପୂର୍ବରୁ ନିୟୋଜିତ ହୋଇଥିଲେ। ଏବେ ସେମାନଙ୍କୁ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ କୋଭିଡ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଆଜି ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ମଧ ରାଜ୍ୟ ସରକାର ପିଜି ଡାକ୍ତରମାନଙ୍କୁ କୋଭିଡ ଡ୍ୟୁଟିରେ ନିୟୋଜିତ କରିଥିଲେ। ମାତ୍ର କୋଭିଡ ସଂକ୍ରମଣ କମିବା ପରେ ସେମାନଙ୍କୁ ନିଜ ନିଜର ପୂର୍ବ ସ୍ଥାନକୁ ଫେରାଇ ନିଆଯାଇଥିଲା।

## ହାଇକୋର୍ଟରେ ବିଦ୍ୟୁତ୍ ଦର ବୃଦ୍ଧି ମାମଲା

ଭୁବନେଶ୍ୱର,୬।୪ (ନି.ପ୍ର): ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ମାମଲା ହାଇକୋର୍ଟରେ ପହଂଚିଛି। ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଦର୍ଶାଇ ଭାରତୀୟ ବିକାଶ ପରିଷଦ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛି। ଦାଖଲ ହୋଇଥିବା ପିଟିସନରେ ଶକ୍ତି ବିଭାଗର ସଚିବଙ୍କ ସହ ୬ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ବେଶ ଭଲଥିବା ବେଳେ ବିଦ୍ୟୁତ୍ ବିଲ୍ ବୃଦ୍ଧି କରାଯିବାର କୌଣସି ଯଥାର୍ଥତା ନାହିଁ ।

# ଲୋୟର ପିଏମ୍‌ଜିରେ ପଶ୍ଚିମ ଓଡ଼ିଶା ଆଶାକର୍ମୀଙ୍କ ବିକ୍ଷୋଭ




ଭୁବନେଶ୍ୱର ,୬।୪ (ନି.ପ୍ର): ୨୧ ଦଫା ଦାବି ନେଇ ଆଜି ପଶ୍ଚିମ ଓଡ଼ିଶାର ଆଶାକର୍ମୀମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାଷ୍ଟର କ୍ୟାଣ୍ଟିନ୍ ଛକରୁ ସେମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ନାରାବାଜି କରିଥିଲେ। ସ୍ଥାୟୀ ନିଯୁକ୍ତି ସହ ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ମାସିକ ୨୨ ହଜାର ଟଙ୍କା, ପଶ୍ଚିମ ଓଡ଼ିଶା ଆଶାକର୍ମୀଙ୍କୁ ସ୍ୱତନ୍ତ୍ର ଭତ୍ତା ଓ ରିକ୍ସ ଆଲାଉନ୍ସ, ସାମାଜିକ ସୁରକ୍ଷା, ଭବିଷ୍ୟନିଧି ବୀମା ଓ ପେନ୍‌ସନ୍ ବ୍ୟବସ୍ଥା, ଅବସର ପରେ ୩ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ସହ ୩ ହଜାର ଟଙ୍କା ପେନ୍‌ସନ୍ ଯୋଗାଇଦେବା ଆଦି ବିଭିନ୍ନ ଦାବି କରିଥିଲେ। କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯଦି ସରକାର ଏସବୁ ଦାବି ପୂରଣ ନକରନ୍ତି, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ମୁକ୍ତା ପ୍ରଧାନ, ଲକ୍ଷ୍ମୀ ମହାରଣା ଓ ଯାଜ୍ଞସେନୀ ପ୍ରଧାନ, ରାନୁ ରାଉଳ, ବବିତା ନାଥ, ସନ୍ଧ୍ୟାରାଣୀ ସେଠୀ, ପ୍ରଭାତ ନାୟକ, ହୀରାବତୀ ମିର୍ଦ୍ଧା, ପ୍ରତିମା ଗୌଡ଼, ବିଜୟଲକ୍ଷ୍ମୀ ଖେରୁଆଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଶାସନ ସଚିବ ଓ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଥିଲା।

## ବିଧି ବିଧାନ ଜାଣି ନାହାନ୍ତି ବିଜେପି ନେତ୍ରୀ : ବିଜେଡି

ଭୁବନେଶ୍ୱର,୬।୪ (ନି.ପ୍ର): ବିଧି ବିଧାନ ସଂକ୍ରାନ୍ତରେ ଅବହିତ ନହୋଇ ଔଷଧ ବିକଳରେ ତାଟିଆ କାମୁଡିଲା ଭଳି ବିଜେପି ନେତ୍ରୀ ସିଏଜି ରିପୋର୍ଟ ଉପରେ ଯେଭଳି ଅସତ୍ୟ କହିଛନ୍ତି ଯାହା ସମ୍ପୂର୍ଣ୍ଣ, ଅବାସ୍ତବ, କପୋଳକଳ୍ପିତ ଏବଂ ଭିତିହୀନ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେଲାପରେ ବିଧାନସଭାର ପବ୍ଲିକ ଆକାଉଂଟସ୍ କମିଟିରେ ତାହାର ତର୍ଜମା କରାଯାଏ । ଉକ୍ତ କମିଟିର ଅଧ୍ୟକ୍ଷ ହେଉଛନ୍ତି ତାଙ୍କରି ଦଳର ବିଧାୟକ ପ୍ରଦୀପ୍ତ ନାଏକ । ପବ୍ଲିକ ଆକାଉଂଟସ କମିଟି ତର୍ଜମା କରିବା ପୂର୍ବରୁ ବିଜେପି ନେତ୍ରୀ ତରବରିଆ ଭାବରେ ବକ୍ତବ୍ୟ ରଖିବା ତାଙ୍କର ଅଜ୍ଞାନତାକୁ ପରିପ୍ରକାଶ କରୁଛି । ସିଏଜି ଏ ପ୍ରକାରର ରିପୋର୍ଟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟ ସରକାରମାନଙ୍କୁ ପ୍ରଦାନ କରିଥାନ୍ତି ଏବଂ ସରକାରମାନେ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରି ସରକାରୀ ସ୍ତରରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି । ବିଜେପି ଶାସିତ କେନ୍ଦ୍ର ଏବଂ ଅନ୍ୟ ରାଜ୍ୟମାନଙ୍କୁ ଏହିପରି ସିଏଜି ରିପୋର୍ଟ ଦିଆଯାଏ ଏବଂ ମତ ରଖାଯାଏ । ହେଲେ ବିଜେପି ନେତ୍ରୀଙ୍କ କ୍ଷେତ୍ରରେ ଅଳ୍ପବିଦ୍ୟା ଭୟଙ୍କରୀ ସ୍ଥିତି ସୃଷ୍ଟି କରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ହିଟୱେଭ ପାଇଁ ବଦଳିଲା ଟିକାକରଣ ସମୟ

**ସକାଳ ୮ଟାରୁ ୧୨ଟାରୁ ଓ ଅପରାହ୍ନ ୩ଟାରୁ ୬ଟା ମଧ୍ୟରେ ଦିଆଯିବ ଟିକା**



ଭୁବନେଶ୍ୱର,୬।୪ (ନି.ପ୍ର): ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବଢୁଥିବାବେଳେ ଏହାକୁ ନଜରରେ ରଖି ସରକାର ଟିକାକରଣ ସମୟକୁ ପରିବର୍ତ୍ତନ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ଜାରି କରାଯାଇଥିବା ଚିଠି ମୁତାବକ ରାଜ୍ୟରେ ହିଟୱେଭ ସ୍ଥିତିକୁ ନଜରରେ ରଖି ସକାଳ ୮ରୁ ଦିନ ୧୨ଟା, ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ଯାଏଁ ଟିକାକରଣ କରାଯିବ । ସେହିପରି ସନ୍ଧ୍ୟା ୬ଟା ୩୦ ସୁଦ୍ଧା ସବୁ ଜିଲ୍ଲାର ଟିକାକରଣ ରିପୋର୍ଟ ଦାଖଲ ହେବ । ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଟିକାକରଣ କେନ୍ଦ୍ରରେ ଅପେକ୍ଷା ଗୃହ, ଭ୍ୟାକସିନେସନ କକ୍ଷ ସାଙ୍ଗକୁ ପିଇବା ପଣିଆର ବ୍ୟସ୍ଥା କରିବାକୁ କୁହାଯାଇଛି । ଏହା ସହ ମାସ୍କ ବ୍ୟବହାର, ହାତ ଧୋଇବା ବ୍ୟବସ୍ଥା, ସାମାଜିକ ଦୂରତାକୁ ମଧ ଗୁରୁତ୍ୱ ଦେବାକୁ ଚିଠିରେ କୁହାଯାଇଛି ।

# ସମନ୍ୱିତ ଶିଶୁ ବିକାଶ ପାଇଁ ୨୫୦୦ କୋଟି

## ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନାକୁ ମଞ୍ଜୁରୀ



ଭୁବନେଶ୍ୱର ,୬।୪ (ନି.ପ୍ର): 'ସୁସ୍ଥ ଶିଶୁ ଓ ସୁସ୍ଥ ମାତୃତ୍ୱ' ଲକ୍ଷ୍ୟ ନେଇ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସମନ୍ୱିତ ଶିଶୁ ବିକାଶ ସେବା ପାଇଁ ୨୫୪୮.୩୭ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନାକୁ ମଞ୍ଜୁରୀ ମିଳିଛି। ଲୋକସେବା ଭବନରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହି ମଞ୍ଜୁରୀ ଦିଆଯାଇଛି।

ରାଜ୍ୟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପରବର୍ତ୍ତୀ ଉଚ୍ଚ ସୋପାନକୁ ବିକଶିତ କରିବା ପାଇଁ ଜିଲ୍ଲାୱାରି ଯୋଜନା କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ ଯେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ୩୩୮ ଆଇସିଡିଏସ୍ ପ୍ରକଳ୍ପ ମାଧ୍ୟମରେ ୪ଟି ଯୋଜନା କାର୍ଯ୍ୟକାରୀ ହେଉଛି। ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ କହିଲେ ଯେ ବର୍ତ୍ତମାନ ଅଙ୍ଗନାବାଡ଼ିରେ ୩୫.୦୮ ଲକ୍ଷ ପିଲା ଉପକୃତ ହେଉଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ୨୫୪୮.୩୭ କୋଟି ଟଙ୍କାର କାର୍ଯ୍ୟାନ୍ୱୟନ ଯୋଜନା ମଧ୍ୟରୁ ଅଙ୍ଗନବାଡ଼ି ପାଇଁ ୨୩୪୧.୪୩ କୋଟି ଟଙ୍କା, ୧୧ରୁ ୧୪ ବର୍ଷର ଝିଅଙ୍କ ଯତ୍ନ ପାଇଁ ୭.୪୨ କୋଟି ଟଙ୍କା ଏବଂ ପୋଷଣ କାର୍ଯ୍ୟକ୍ରମ ପାଇଁ ୧୯୯.୫୨ କୋଟି ଟଙ୍କା ରହିଛି। ବୈଠକରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସ?ମତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ଚଣ୍ଡିଖୋଲରେ ହେବ ଦେଶର ବୃହତମ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭୟର : କେନ୍ଦ୍ର ପେଟ୍ରୋଲିୟମ୍ ସଚିବ



ଭୁବନେଶ୍ୱର,୬।୪ (ନି.ପ୍ର): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ପାରାଦ୍ୱୀପ ରିଫାଇନାରିର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭୟର ପ୍ରତିଷ୍ଠା କରାଯିବ। ୪୦୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ରିଜର୍ଭରରେ ୧୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଏହା ଦେଶର ସର୍ବ ବୃହତ୍ ପେଟ୍ରୋଲିୟମ୍ ଷ୍ଟୋରେଜ୍ ହେବ। ଏହି ପ୍ରସ୍ତାବିତ ପ୍ରକଳ୍ପ ଅନୁମୋଦନ ପାଇବା ପରେ ୬ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଏଠାରେ ଅଶୋଧିତ ତୈଳ ସଂରକ୍ଷଣ କରାଯାଇପାରିବ ବୋଲି ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସଚିବ ତରୁଣ କପୁର ସୂଚନା ଦେଇଛନ୍ତି। ଶ୍ରୀ କପୁର ସୋମବାର ଭୁବନେଶ୍ୱର ଗସ୍ତରେ ଆସି ଓଡିଶାରେ ତୈଳ ବିପଣନ କମ୍ପାନୀ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ ଯଥା ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍, ଗେଲ, ଓଏନଜିସି, ନୟାରା, ଓଆଇଏଲ, ଆରଏମବିଏଲ୍‌ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଛନ୍ତି । ଏହି କ୍ରମରେ ସେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ମହାପାତ୍ରଙ୍କୁ ଭେଟି ତୈଳ ଏବଂ ଗ୍ୟାସ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ଏବଂ ଏଥିରେ ସେ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ିଥିଲେ । ତେବେ ରାଜ୍ୟରେ ପେଟ୍ରୋଲିୟମ ଓ ଗ୍ୟାସ ପ୍ରକଳ୍ପ ନେଇ ହୋଇଥିବା ଆଲୋଚନା ସକରାତ୍ମକ ହୋଇଥିବା ଏବଂ ଏହି ସବୁ ପ୍ରକଳ୍ପ ନେଇ ରାଜ୍ୟ ସରକାର ସହଯୋଗ କରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିବା କହିଛନ୍ତି । ଏହି ଅବସରରେ ଶ୍ରୀ କପୁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ଓଡିଶାରେ ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ ପକ୍ଷରୁ ମୋଟ ୬୯ଟି ପ୍ରକଳ୍ପ ପାଇଁ ଓଡିଶାରେ ୨ ଲକ୍ଷ ୧୩ ହଜାର ୨୦୯ କୋଟି ଟଙ୍କାର ପୁଞ୍ଜିନିବେଶର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ତନ୍ମଧ୍ୟରୁ ୨୦୧୪ ଠାରୁ ଅର୍ଥାତ୍ ବିଗତ ୬ ବର୍ଷ ମଧ୍ୟରେ ମୋଟ ୪୩ ହଜାର ୩୨୨ କୋଟି ଟଙ୍କା ମୂଲ୍ୟର ୨୫ଟି ତୈଳ ଓ ଗ୍ୟାସ ପ୍ରକଳ୍ପର କାମ ଶେଷ ହୋଇଥିବା ବେଳେ ବର୍ତମାନ ମୋଟ ୭୭ ହଜାର ୩୩୧ କୋଟି ଟଙ୍କା ମୂଲ୍ୟର ୩୪ଟି ପ୍ରକଳ୍ପ ଗୁଡ଼ିକ କାମ ଜାରି ରହିଛି । ସେହିପରି ୧୦ଟି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୯୨ ହଜାର ୫୫୬ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ନେଇ ଆକଳନ କରାଯାଇଛି। ଗତ ସାତ ବର୍ଷ ୨୦୧୨-୧୩ ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଜାତୀୟ ହାର ୬.୬% ଠାରୁ ବୃଦ୍ଧି ଘଟି ବାର୍ଷିକ ହାରାହାରି ୭.୧% ରେ ପହଁଚିଛି । ଓଡ଼ିଶାରେ ବୃଦ୍ଧି ଘଟୁଥିବା ଆବଶ୍ୟକ ଉର୍ଜାକ୍ଷେତ୍ର ନିମନ୍ତେ ଇନ୍ଧନ ଯୋଗାଇବା ପାଇଁ ତୈଳ ଉଦ୍ୟୋଗଗୁଡ଼ିକ ନିରନ୍ତର ଭାବେ ସେମାନଙ୍କ ଯୋଗାଣ ଭିତିଭୂମିର ବିକାଶ କରୁଛନ୍ତି ।

# ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର,୬।୪ (ନି.ପ୍ର): ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଏବଂ ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଓଡ଼ିଶା ଇତିହାସ କଗ୍ରେସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ବାଣୀବିହାର ପିଜି କାଉନସିଲ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପ୍ରଥମ ସ୍ମାରକୀ ବକ୍ତୃତାମାଳା ପ୍ରଦାନ କରିଥିଲେ। ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୀବନୀ ଏବଂ ଓଡ଼ିଶା ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରି ପ୍ରଫେସର କିଶୋର କୁମାର ବାସା କହିଥିଲେ ଯେ ବୃତିରେ ପରମାନନନ୍ଦ ଆଚାର୍ଯ୍ୟ ଜଣେ ଉଦ୍ଭିଦବିଜ୍ଞାନୀ ଥିଲେ। ଜାପାନ ଗସ୍ତରେ ଧାନ ଗବେଷଣା ଉପରେ ଅଧିକ ଗବେଷଣା ପାଇଁ ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ସ୍ଥିରୀକୃତ କରାଯାଇଥିଲା; କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ପରମାନନ୍ଦ ଆଚାର୍ଯ୍ୟଙ୍କ ଜାପାନ ଗସ୍ତ ସ୍ଥଗିତ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଦ୍ୱାରା ମୟୂରଭଞ୍ଜ ଜିଲାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରେ ନିଜକୁ ନିୟୋଜିତ କରିଥିଲେ ଏବଂ ପ୍ରଥମ କରି ଓଡ଼ିଶାରେ ନୂତନ ପ୍ରସ୍ତର ଯୁଗର ବସତି ଠାବ କରିଥିଲେ। ସମଗ୍ର ଭାରତବର୍ଷରେ କିଚେକଶ୍ୱରୀ ମନ୍ଦିରର ପୁନଃରୁଦ୍ଧାର ଏବଂ ସଂରକ୍ଷଣ ଯାହାକି ଭାରତବର୍ଷରେ ପ୍ରଥମ ଉଦାହରଣ। ଏଥିପ୍ରତି ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ଏଥିସହିତ ପ୍ରତ୍ନତତ୍ତ୍ୱ, ଶିଳାଲେଖ, ମୁଦ୍ରା, ଚାରୁକଳା ପ୍ରଭୃତିରେ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଉପାଧି ଭାରତ ସରକାରଙ୍କ ଦ୍ୱାରା ଭୂଷିତ କରାଯାଇଥିଲା। ଇତିହାସ କଂଗ୍ରେସର ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ସଭାପତିତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଇତିହାସର ଭବିଷ୍ୟତ ଏବଂ ଆମର କର୍ତବ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ପିପିଲିରୁ ଜବତ ଟଙ୍କା ବିଜେପିର

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୬।୪ (ନି.ପ୍ର): ପିପିଲି ଟୋଲଗେଟ୍ ନିକଟରୁ ଗୋଟିଏ ବାଇକରୁ ୫୦ଲକ୍ଷ ଟଙ୍କା ଜବତ ହେବା ଘଟଣାରେ ବିଜେଡି ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି। ପିପିଲି ଉପନିର୍ବାଚନରେ ଏହି ଟଙ୍କା ଖର୍ଚ୍ଚ କରିବାକୁ ବିଜେପି ପଠାଉଥିଲା ବୋଲି ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛି। ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଓଟିଡିସି ଅଧ୍ୟକ୍ଷା ତଥା ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀମୟୀ ମିଶ୍ର, ମୁଖପାତ୍ର ଲେନିନ୍ ମହାନ୍ତି ଓ ସୁଲତା ଦେଓ ସୋମବାର ଅପରାହ୍ନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ଭେଟି ପିପିଲିରେ ଜବତ ହୋଇଥିବା ୫୦ଲକ୍ଷ ଟଙ୍କା ବିଜେପିର ଓ ପୁଲିସ ଅଟକ ରଖିଥିବା ୨ଜଣ ଯୁବକ ମଧ ବିଜେପି କର୍ମୀ ବୋଲି ବିଜେଡି ଅଭିଯୋଗ କରିଛି। ପୂର୍ବରୁ ଅନେକ ନିର୍ବାଚନରେ ବିଜେପିର ଏଭଳି ଆଚରଣ ଦେଖାଯାଇଛି। ଉପନିର୍ବାଚନରେ ଟଙ୍କା କାରବାରକୁ ବିଜେଡି ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହାସହିତ ପିପିଲିରେ ପୁଲିସ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ମଧ ଦଳ ଅନୁରୋଧ କରିଛି।

## ନୂତନ ବର୍ଷ ଆରମ୍ଭରୁ ଧାମନଗର ଅଞ୍ଚଳରେ ୩କରୋନା ପଜିଟିଭ ଚିହ୍ନଟ

ଧାମନଗର,୦୬/୦୪ (ନି.ପ୍ର): ନୂତନ ବର୍ଷ ଆରମ୍ଭରୁ ଧାମନଗର ଅଂଚଳରେ ୩କରୋନା ପଜିଟିଭ ଚିହ୍ନଟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ରାଜ୍ୟରେ ଏକବର୍ଷପରେ ପୁଣି ମହାମାରୀ କରୋନାର ପ୍ରଭାବ ବଢିବାରେ ଲାଗିଛି । ଆଜି ରାଜ୍ୟରେ ୫ଶହ ୭୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ସଂଗରୋଧରୁ ୩୩୭ ଓ ସ୍ଥାନୀୟ ଅଂଚଳରୁ ୨୩୬ ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ଜଣ ଚିହ୍ନଟ ହୋଇଛନ୍ତି । ଏହି କ୍ରମରେ ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଥିବା ୩ଜଣ ଧାମନଗର ଅଂଚଳର ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି । ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ଜାରିକଲେଣି ରାଜ୍ୟ ସରକାର । ପ୍ରଶାସନ ପକ୍ଷରୁ ମାସ୍କ ଓ ସାନିଟାଇଜର ବ୍ୟବହାର ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଲୋକେ ମାନୁନାହାନ୍ତି ନିୟମ। ସଭା, ସମିତି, ଯାତ୍ରା, ଶୋଭାଯାତ୍ରା ମାନ ବେଧଡ଼କ ଚାଲୁଛି । କେବଳ ଧର୍ମପୀଠ ଓ ବିଦ୍ୟାଳୟ ମାନଙ୍କରେ ନିୟମ ଉଲଂଘନ ହେଉନଥିଲେ ମଧ୍ୟ ଅନ୍ୟ ସବୁଠି ବେଫିକର ଜନତା । ଗତ କିଛିଦିନ ପୂର୍ବରୁ ଭଦ୍ରକ ଜିଲ୍ଲାରୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ ମଧ୍ୟ ଧାମନଗର ଅଂଚଳ ଏଥିରୁ ବାଦ୍ ଥିଲା । ଗତ ଶନିବାର ଧାମନଗର ସାପ୍ତାହିକ ହାଟକୁ ଅନ୍ୟତ୍ର ସ୍ଥାନାନ୍ତର ସହ ବଜାର ଘାଟରେ ଅଯଥା ଜନଗହଳି ନକରିବାକୁ ଧାମନଗର ଏନ୍ଏସି ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା । ମାତ୍ର ଆଜି ଧାମନଗର କୃଷି କାର୍ଯ୍ୟାଳୟର ଦୁଇଜଣ ଓ ନଦୀଗାଁ ଅଂଚଳରୁ ଝାଡ଼ଖଣ୍ଡ ଫେରନ୍ତା ଜଣକୁ ମିଶାଇ ମୋଟ ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି ।

# ଚୈତ୍ର ପର୍ବ ତିନି ଦିନ ପାଳନ ପାଇଁ ଅନୁମତି ଦେବାକୁ ଦାବି

### ଛଉ କଳାକାର ସଂଘ ସହ ଭଞ୍ଜ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ




ବାରିପଦା,୦୫/୦୪ (ନି.ପ୍ର): ନାଚ ଗୀତ ସହ ଖେଳକୁ ସରକାର ତଥା ଜିଲ୍ଲା ପ୍ରସାଶନ ଅନୁମତି ଦେଇଥିବା ବେଳେ ମୟୂରଭଞ୍ଜର ପରିଚୟ ବିଶ୍ୱପ୍ରସିଦ୍ଧ ଛଉକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ ପାଇଁ କଟକଣା କରାଯାଉଥିବା ଅଭିଯୋଗ କରି ଏହାର ପ୍ରତିବାଦ କରିଛି ଜିଲ୍ଲାର ଛଉ କଳାକାର ସଂଘ ସହିତ ମୟୂରଭଞ୍ଜର ଯୁବଛାତ୍ର ସଂଗଠନ ଭଞ୍ଜସେନା । ସଂପୂର୍ଣ୍ଣ କେରାନା କଟକଣା ସହ ୩ ଦିନ ଧରି ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟକୁ ପାଳନ କରିବା ପାଇଁ ଅନୁମତି ଦିଆଯିବା ଦାବିରେ ଆଜି ଛଉକଳାକାର ଏବଂ ଭଞ୍ଜସେନାର ସଦଶ୍ୟ ମାନଙ୍କୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯାଇଥିବାର ଦେଖାଯାଇଛି । ଚୈତ୍ରପର୍ବ ପାଳନ ପାଇଁ ହେଉଥିବା ଦାବିକୁ ଆସନ୍ତା ୩୬ଘଣ୍ଟା ମଧ୍ୟରେ ପ୍ରସାଶନ ପକ୍ଷରୁ ଅନୁମତି ପ୍ରଦାନ ନ କଲେ ଆଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଛଉ ନୃତ୍ୟ ପରିବେଷଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ଛଉ କଳାକାର ସଙ୍ଘର ସଭାପତି ଲଡୁକେଶ୍ୱର ରଣା, ସମ୍ପାଦକ ଲୋକନାଥ ଦାସ, ଶର୍ମିଷ୍ଠା ପଣ୍ଡା, ପଦ୍ମନାଭ ମହାପାତ୍ର, ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ଛାତ୍ର ସଭାପତି ସୌମ୍ୟରଂଜନ ମିଶ୍ର, ଯୁବ ସଭାପତି ମାନସ କୁମାର ବେହେରା, ସହର ସଭାପତି ପ୍ରୀତମ ପଣ୍ଡା, ଉପସଭାପତି ପ୍ରଶାନ୍ତ ମହାକୁଡ଼, ସଞ୍ଜୟ ମହାର୍ଣ୍ଣା, ଉମେଶ ପ୍ରଧାନ, ଅମରେଶ ସିଂ, ବିକାଶ ସିଂ, ଗୌରାଙ୍ଗ ଚକ୍ରବର୍ତ୍ତୀ, ରାଜା ଖାନ, ସୌମ୍ୟରଂଜନ ସାହୁ, ସ୍ୱପ୍ନଜିତ ସାହୁ, ପ୍ରଶାନ୍ତ ଦାସ ସମେତ ଶତାଧିକ ଛଉ ଓ ଭଞ୍ଜସେନା କର୍ମୀ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ ପ୍ରଦଶର୍ନ କରିଥଲେ ।

## ନିଆଁଲାଗି ୩ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୁତ

ଧାମନଗର,୦୬/୦୪ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ପଳିକିରୀ ଗ୍ରାମର ନିରଂଜନ ସେନାପତିଙ୍କ ୩ବଖରା ଘର ଅଗ୍ନିକାଣ୍ଡରେ ସମ୍ପୁର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ଘଟଣାରୁ ପ୍ରକାଶଯେ ସୋମବାର ପୁର୍ବାହ୍ନ ୧୦.୩୦ମିନିଟ୍ ବେଳେ ଶ୍ରୀ ସେନାପତିଙ୍କ ଘରେ ନିଆଁ ଲାଗିଥିଲା । ଖବରପାଇ ସ୍ଥାନୀୟ ଗ୍ରାମବାସୀ ମାନେ ଧାଇଁ ଆସିଥିଲେ ମଧ୍ୟ ନିକଟରେ ପାଣିର ସୁବିଧା ନଥିବାରୁ ନିଆଁକୁ ଆୟତ କରିପାରିନଥିଲେ । ଘଟଣା ସ୍ଥଳରେ ଦମକଳ ଗାଡ଼ି ପହଂଚିଥିଲେ ମଧ୍ୟ ସେତବେଳକୁ



ଘରଟି ନିଆଁ ମୁହଁରେ ସମ୍ପୁର୍ଣ୍ଣ ସ୍ୱାହା ହୋଇଯାଇଥିଲା । ସମ୍ପୃକ୍ତ ଅଂଚଳକୁ ରାଧାବଲ୍ଲଭପୁର ଆରଆଇ ସରକାରୀ ଜାଗାରୁ ବେଆଇନ୍ଭାବେ କଟାଯାଇଥିବା କାଠ ଜବତ କରିବାକୁ ଆସିଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳରେ ପହଂଚି ତୁରନ୍ତ ଶ୍ରୀ ସେନାପତିଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ରାଜସ୍ୱ ନିରୀକ୍ଷିକା ପ୍ରତିଶୃତି ଦେଇଥିଲେ । ଅଗ୍ନି କାଣ୍ଡର କାରଣ ଜଣାପଡ଼ିନଥିଲେ ମଧ୍ୟ ଏହି ଦୁର୍ଘଟଣାରେ ଶ୍ରୀ ସେନାପତିଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଥିବା ଜଣାଯାଇଛି ।

### କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ କରି ୨୧ ଗିରଫ, ୯୦୦ ଗାଡି ଜବତ

ଭୁବନେଶ୍ୱର,୦୬/୦୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ କରିଛି । ଏଥିସହ ୯୦୦ ଗାଡି ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୬୪,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

## ଭୁବନେଶ୍ୱରରୁ ୧୦୧ କରୋନା ପଜିଟିଭ୍

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଭୁବନେଶ୍ୱରରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି । ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଅଙ୍କ ପାର୍ କରିଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଦିନ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୮୦ ଲୋକାଲ କେସ୍ ଥିବା ବେଳେ ୨୧ କ୍ୱାରେଂଟାଇନରୁ ରହିଛନ୍ତି । ସେହିପରି ଆଜି ୩୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ଟ୍ୱିଟ୍ କରି ସୂଚନା ଦେଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍ସି ଅଂଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୮୩୨କୁ ବୃଦ୍ଧି ପାଇଛି । ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୦୦୬ ଜଣ ଆରୋଗ୍ୟ ହୋଇସାରିଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରରେ ମୋଟ୍ ଆକ୍ଟିଭ କେସ୍ ସଂଖ୍ୟା ୫୫୫କୁ ବୃଦ୍ଧି ପାଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଖଣ୍ଡଗିରି ଅଂଚଳରୁ ସର୍ବାଧିକ ୧୨ ଜଣ, ପଟିଆ ଓ ସହୀଦନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୪ଟି ରାଜ୍ୟ ଓ ଗୋଟିଏ....

ଆସାମରେ ଅନ୍ତିମ ପର୍ଯ୍ୟାୟ ମତଦାନ ୧୨ଟି ଜିଲ୍ଲାର ୪୦ ଆସନରେ ଏହି ପର୍ଯ୍ୟାୟରେ ମତଦାନ, ଶେଷ ପର୍ଯ୍ୟାୟରେ ବିଭିନ୍ନ ଦଳର ୩୩୭ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା, ଏଜିପି ଓ ୟୁପିପିଏଲ ସହ ମେଂଟ କରି ମୈଦାନକୁ ଓହ୍ଲାଇଛି ବିଜେପି, ବାମ ଦଳ ସମେତ ଏକାଧିକ ଦଳ ସହ ମେଂଟ କରିଛି କଂଗ୍ରେସ, ୫ ବର୍ଷର ଉପଲବ୍ଧି ଆଧାରରେ କ୍ଷମତା ବଜାୟ ରଖିବା ଆଶାରେ ବିଜେପି, ୩୨୦ କମ୍ପାନି ସଶସ୍ତ୍ର କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ଉପସ୍ଥିତିରେ ମତଦାନ, ଆଗକୁ ପଢନ୍ତୁ ୯ବର୍ଷ ବାଳକର ଇଚ୍ଛା ପୂରଣ କଲେ ରାହୁଲ ଗାନ୍ଧୀ । ପାଇଲଟ ହେବାକୁ... ସେହିପରି ତାମିଲନାଡୁରେ ମୁଖ୍ୟମନ୍ତ୍ରୀ କେ ପଲାନୀସ୍ୱାମୀ ଓ ଉପମୁଖ୍ୟମନ୍ତ୍ରୀ ଓ ପନିରସେଲଭମ, ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନ, ଏଏମଏମକେ ପ୍ରତିଷ୍ଠାତା ଟିଟିଭି ଦିନାକରନ ଓ ଅଭିନେତାରୁ ନେତା ବନିଥିବା କମଲ ହାସନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ମତଦାତା । ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ମତଦାନ, ତାମିଲନାଡୁର ସମସ୍ତ ୨୩୪ ବିଧାନସଭା ଆସନ ଲାଗି ଗୋଟିଏ ପର୍ଯ୍ୟାୟରେ ମତଦାନ, ପିଏମକେ ୨୩, ବିଜେପି ୨୦ ଓ ବାକି ଆସନରେ ଏଆଇଏଡିଏମକେ ପ୍ରାର୍ଥ ଦେଇଛି, କଂଗ୍ରେସକୁ ୨୫, ସିପିଆଇ, ସିପିଏମ୍ ଓ ଭିକେସି ପାର୍ଟିକୁ ଗୋଟିଏ ଲେଖାଏଁ ସିଟ ଦେଇଛି ଡିଏମକେ, ତାମିଲନାଡୁରେ ୧୯୬୭ରୁ ପାଳି କରି ସରକାର ଗଢିଆସୁଥିଲେ ଡିଏମକେ ଓ ଏଆଇଏଡିଏମକେ, ହେଲେ ସେହି ଧାରାକୁ ଭାଙ୍ଗି ଗତ ଦୁଇଟି ଟର୍ମ ହେଲା କ୍ଷମତାରେ ରହିଆସିଛି ଏଆଇଏଡିଏମକେ, ୨୦୧୬ରେ ଏଆଇଏଡିଏମକେକୁ ୧୩୬ ଓ ଏଡିଏମକେକୁ ମିଳିଥିଲା ୮୯ଟି ଆସନ, ଚଳିତଥର ମୋଟ୍ ୩ ହଜାର ୯୯୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ତାମିଲନାଡୁର ମତଦାତା, ସେହିପରି କେରଳରେ ମଧ୍ୟ ମୁଖ୍ୟମନ୍ତ୍ରୀ ପିନ୍ନରୟୀ ବିଜୟନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସେପଟେ ବିଜେପି କୁମନ୍ନମ ରାଜାଶେଖରନ ଓ ମେଟ୍ରୋମ୍ୟାନ ଇ ଶ୍ରୀଧରନ, ସୁରେଶ ଗୋପୀ, କେଜେ ଆଲ ଫୋନ୍ସଙ୍କ ପରି ନେତାଙ୍କ ପାଇଁ ମଧ୍ୟ ଆଜିର ମତଦାନ ନିର୍ଣ୍ଣାୟକ । କେରଳରେ ଗୋଟିଏ ପର୍ଯ୍ୟାୟରେ ମତଦାନ, କେରଳର ସମସ୍ତ ୧୪୦ ଆସନ ଲାଗି ଆଜି ଗୋଟିଏ ପର୍ଯ୍ୟାୟରେ ଭୋଟ୍, ଏଠାରେ ମଧ୍ୟ ୧୯୮୦ରୁ ପାଳି କରି କ୍ଷମତାରେ ରହିଆସୁଛନ୍ତି ଏଲଡିଏଫ ଓ ୟୁଡିଏଫ, ଏଥର ବାମଦଳ କ୍ଷମତା ବଜାୟ ରଖିଲେ କେରଳରେ ଇତିହାସ ବଦଳିବ, ସେହିପରି ସାରାଦେଶରେ କେବଳ ଏହି ଗୋଟିଏ ରାଜ୍ୟରେ କ୍ଷମତାରେ ରହିବ ବାମ ଦଳ, ମୋଟ୍ ୯୫୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ପ୍ରାୟ ୨.୭୪ କୋଟି ଭୋଟର, ଏଆଇଏନଆରିସି ୧୬ଟି ପ୍ରାର୍ଥୀ, ବିଜେପି ୯ ଓ ଏଆଇଏଡିଏମକେ ୪ଟି ଆସନରେ ପ୍ରାର୍ଥୀ ଦେଇଛି । ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ମତଦାନ, ମୋଟ୍ ୩୨୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୦ ଲକ୍ଷ ୪ ହଜାର ୫୦୭ ଭୋଟର, ୩୦ ଆସନ ବିଶିଷ୍ଟ ପୁଡୁଚେରୀରେ କଂଗ୍ରେସ ନେତୃତ୍ୱାଧୀନ ମେଂଟ ଓ ଏନଡିଏ ମଧ୍ୟରେ ଲଢେଇ, କଂଗ୍ରେସ ନେତୃତ୍ୱାଧୀନ ସରକାର ସଂଖ୍ୟା ଗରିଷ୍ଠତାରେ ଫେଲ ମାରିବା ପରେ ରାଷ୍ଟ୍ରପତି ଶାସନ ରହିଛି ।

### ମୁଖ୍ୟମନ୍ତ୍ରୀଙ୍କ କରୋନା....

କହିଥିଲେ ଯେ ଛତିଶଗଡ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡିକ ଉପରେ ସତର୍କ ନଜର ରଖାଯିବ । ପଶ୍ଚିମ ଓଡିଶାର ଅଧିକ ପ୍ରଭାବିତ ଅଂଚଳକୁ ମୁଖ୍ୟ ଶାସନ ସଚିବ, ଓ ବରିଷ୍ଠ ଅଧିକାରୀମାନେ ଗସ୍ତ କରିବେ ଏବଂ ପରିସ୍ଥିତିର ଆକଳନ କରି ଜରୁରୀ ପଦକ୍ଷେପ ଗ୍ରହଣ କରିବେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଶ୍ଚିମ ଓଡିଶାର ପ୍ରଭାବିତ ଜିଲ୍ଲାମାନଙ୍କରେ ସ୍ଥିତି ଆକଳନ କରି ଦରକାର ଅନୁସାରେ ଡାକ୍ତର, ପାରାମେଡିକ୍ସ, ଲାବ୍ ଟେକ୍ନିସିଆନ ମାନଙ୍କୁ ନିୟୋଜିତ କରି ସେଠାରେ ମାନବ ସମ୍ବଳକୁ ମଜବୁତ କରାଯିବ ।ଆବଶ୍ୟକସ୍ଥଳେ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯିବ । ଅକ୍ସିଜେନ ସୁବିଧା ସହିତ ପର୍ଯ୍ୟାପ୍ତ ପରିମାଣର ଆମ୍ବୁଲାନ୍ସକୁ ମୁତୟନ କରାଯିବ । ଜରୁରୀ କଲ୍ ଗୁଡିକୁ ଗୁରୁତର ସହ ନେଇ ତତ୍ପରତାର ସହ ଯେପରି ପଦକ୍ଷେପ ନିଆଯିବ, ସେଥିପାଇଁ ତଦାରଖ ବ୍ୟବସ୍ଥାକୁ ସୁଦୃଢ କରାଯିବ । କୋଭିଡ ନିୟମାବଳୀର କଡାକଡି ଅନୁପାଳନ ନିମନ୍ତେ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ମୁତୟନ କରାଯାଇ ୧୦ ଦିନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ । ହାତ ଧୋଇବା, ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବିଷୟରେ ବ୍ୟାପକ ସଚେତନତା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ । ସଚେତନତା ତଥା କୋବିଡ ନିୟମର ଅନୁପାଳନ ନିମନ୍ତେ ଜିଲ୍ଲାପାଳ ମାନେ ସମାଜର ସବୁ ବର୍ଗର ଜନସାଧାରଣ, ବିଶେଷତଃ ପଂଚାୟତ ପ୍ରତିନିଧି, ମିଶନ ଶକ୍ତି ଗ୍ରୁପ ଆଦିଙ୍କୁ ନେଇ ବ୍ୟାପକ କାର୍ଯ୍ୟକ୍ରମ ତୁରନ୍ତ ଆରମ୍ଭ କରିବେ ।ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ (ଅଫିସ୍ , ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ ) କୋଭିଡ ନିୟମ ପାଳନକୁ କଡାକଡି ପାଳନ ପାଇଁ ତଦାରଖ ବ୍ୟବସ୍ଥାକୁ ମଜବୁତ କରାଯିବ । ଯେହେତୁ ଏହା ଲୋକଙ୍କ ଜୀବନମରଣ ସହ ଜଡିତ, ତେଣୁ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜନସାଧାରଣ ସତର୍କ ରହିବା ସହ କୋଭିଡ ନିୟମାବଳୀ ପାଳନ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣରେ ସରକାରଙ୍କ ସହ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ନବରଙ୍ଗପୁରର ଖ୍ରୀଷ୍ଟିଆନ ହସ୍ପିଟାଲରେ ଖୋଲାଯାଇଥିବା କୋଭିଡ ହସ୍ପିଟାଲର ପ୍ରାପ୍ୟ ୪୫ ଲକ୍ଷ ୬୦ ହଜାର ଟଙ୍କା ଏପର୍ଯ୍ୟନ୍ତ ନାଲ୍କୋ ପକ୍ଷରୁ ପଇଠ କରାଯାଇ ନଥିବାରୁ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତୁରନ୍ତ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟର ସମସ୍ତ ସୀମାନ୍ତବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସତର୍କ କରାଯିବା ସହିତ ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଟେଷ୍ଟିଂ ପାଇଁ ପରାମର୍ଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟରେ ବର୍ତ୍ତମାନ କୋଭିଡର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ ପାଣ୍ଡିଆନ୍ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି ବୈଠକରେ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର, ପୋଲିସ ମହାନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବିଜେପିର ୪୧ତମ.....

ରାଜ୍ୟ ସହ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂ ତୋମର କହିଛନ୍ତି ୬ ଏପ୍ରିଲ ୧୯୮୦ରେ ଦଳ ପ୍ରତିଷ୍ଠା ହେବା ସମୟରୁ ପଂଚ ନିଷ୍ଠ ଯଥା- ରାଷ୍ଟ୍ରବାଦ ରାଷ୍ଟ୍ରୀୟ ଏକତା, ଗଣତନ୍ତ୍ର, ମୂଲ୍ୟବୋଧ ଆଧାରିତ ରାଜନୀତି, ଗାନ୍ଧୀବାଦ ଦୃଷ୍ଟିକୋଣ ଉପରେ ଆଧାରିତ ସାମାଜିକ ଓ ଆର୍ଥିକ ସମତା, ସକରାତ୍ମକ ପନ୍ଥ ନିରପେକ୍ଷତାକୁ ଆଧାର କରି ଚାଲିଛି । ଦୁଇ ଜଣ ସାଂସଦଙ୍କ ଠାରୁ ଆରମ୍ଭ ହୋଇଥିବା ବିଜେପି ଦଳ ଏବେ ବିଶ୍ୱର ସର୍ବବୃହତ ଦଳ ଭାବେ ପରିଚିତ ହୋଇଛି । ଏବେ ବିଜେପିରେ ୧୮ କୋଟି ସଦସ୍ୟ,୧୪୦୦ ଏମଏଲଏ ଓ ଏମଏଲସି, ୩୯୫ ଲୋକସଭା ଓ ରାଜ୍ୟସଭା ସାଂସଦ ରହିଛନ୍ତି । ଦେଶରେ ୧୮ଟି ରାଜ୍ୟରେ ବିଜେପି ଏବଂ ଏନଡିଏର ସରକାର ଚାଲିଛି । ବିଜେପିର ବିଚାରଧାରାକୁ ସମଗ୍ର ଭାରତବାସୀ ଆପଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସର ମୂଳମନ୍ତ୍ର ନେଇ ବିଜେପି ଅଗ୍ରସର ହେଉଛି ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ସମ୍ବିତ ପାତ୍ର କହିଛନ୍ତି । ପଦାଧିକାରୀମାନେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ଅଭିଭାଷଣ ଶୁଣିଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ(ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ପିଙ୍କି ପ୍ରଧାନ, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଠାକୁର ରଂଜିତ ଦାସ, ସୋନାଲୀ ସାହୁ, ବରିଷ୍ଠ ନେତା ମହେଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁଷମା ବିଶ୍ୱାଳ, କାନନବାଳା ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ଜିଲ୍ଲା ଓ ମଣ୍ଡଳ କାର୍ଯ୍ୟାଳୟ ଠାରେ ପାଳନ କରାଯାଇଛି ।

### ଆଜିଠୁ ବଢିବ....

ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୦ ତାରିଖ ଅପରାହ୍ନ ସୁଦ୍ଧା ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ହୋଇପାରେ । ଏହି ସମୟରେ ଘଂଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବୋହିପାରେ । ସେହିପରି ୧୧ ତାରିଖ ଅପରାହ୍ନ ସୁଦ୍ଧା ରାଜ୍ୟର ଗଜପତି, କନ୍ଧମାଳ , ମାଲକାନଗିରି, କୋରାପୁଟ ଓ ମୟୁରଭଂଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ବିକାଶ ନାମରେ ବାଲିଆପାଳର ବିନାଶ ପାଇଁ ଚକ୍ରାନ୍ତ ଚାଲିଛି

## ଭିଟାମାଟି ବଂଚାଅ ଦାବିରେ ବିଶାଳ ପ୍ରତିବାଦ ସଭା

ବାଲିଆପାଳ,୦୬/୦୪ (ନି.ପ୍ର): ବିକାଶ ନାମରେ ବାଲିଆପାଳର ବିନାଶ ପାଇଁ ଚକ୍ରାନ୍ତ ଚାଲିଛି । ୮୦ ଦଶକରେ ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟି ସ୍ଥାପନ ନାମରେ ସେହିଭଳି ଏକ ଉଦ୍ୟମ ହୋଇଥିଲା । ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଏ ଅଂଚଳକୁ ଆସି ଲୋକଙ୍କ ସହିତ ଆନ୍ଦୋଳନରେ ସାମିଲ ହୋଇ ମାଟିକୁ ସୁରକ୍ଷା ଦେଇଥିଲେ । ତାଙ୍କର ପୁତ୍ର ନବିନ ପଟ୍ଟନାୟକ ଏ ଅଂଚଳର ବାସ୍ତବ ସ୍ଥିତି ବିଷୟରେ ନଜାଣି ପ୍ରଶାସନିକ ଅଧିକାରୀ ମାନଙ୍କ ଇଶାରାରେ ଏକ ଉର୍ବର ଶସ୍ୟଶ୍ୟାମ୍ଳା ଅଂଚଳକୁ ବୃହତ ବନ୍ଦର ଓ ମେଗା ଶିଳ୍ପାୟନ ପାଇଁ ପୁଞ୍ଜିପତି ମାନଙ୍କ ହାତରେ ଟେକି ଦେବା ଦୁର୍ଭାଗ୍ୟର ବିଷୟ । ଲୋକଙ୍କର ସମ୍ମିଳୀତ ଆନ୍ଦୋଳନ ଆଗରେ ଏ ଭଳି ଉଦ୍ୟମ ଭଣ୍ଡୁର ହେବ ବୋଲି ଆଜି ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ଖଗଡାପାଳ ମହାଦେବ ମନ୍ଦିର ପ୍ରାଗଣରେ ଭିଟାମାଟି ବଂଚାଉ ଦାବିରେ ଅନୁଷ୍ଠିତ ବିଶାଳ ପ୍ରତିବାଦ ସଭାରେ ରାଜ୍ୟର ୫ଟି ବିରୋଧୀ ଦଳର ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ସରକାରଙ୍କୁ କଡା ଚେତାବନୀ ଦେଇଥିଲେ । ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ଏହି ପ୍ରତିବାଦ ସଭାରେ କମିଟିର ସଭାପତି ଶିକ୍ଷାବିତ ସୁଭାଷ ଚୌଧୁରୀ ପୌରହିତ୍ୟ କରିଥିବା ବେଳେ କମିଟିର ଆବାହକ ଅରୁଣ ଜେନା ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବାରିପଦାର ପୂର୍ବତନ ବିଧାୟକ କିଶୋରଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ କଂଗ୍ରେସ ନେତା ତଥା ବାଲିଆପାଳ ବଲକ ଅଧକ୍ଷ ବିଜନ କୁମାର ନାୟକ. ନିଳଗିରିର ପୂର୍ବତନ ବିଧାୟକ ଚିତରଞ୍ଜନ ଷଡଙ୍ଗୀ, ସି.ପି.ଆଇ.ଏମ ନେତା ଶିଶିର ହୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏଭଳି ଏକ ଉର୍ବର ଶସ୍ୟଶ୍ୟାମଳା ଜନବହୁଳ ଅଂଚଳରେ ହଜାର ହଜାର କୋକଙ୍କୁ ବିସ୍ଥାପିତ କରି ଶିଳ୍ପ ପ୍ରତିଷ୍ଠା ନକରି ସରକାର ଏହାର ପୁର୍ନବିଚାର ନକଲେ ନିଜର ଭିଟାମାଟିର ସୁରକ୍ଷା ପାଇଁ ଲୋକେ ପ୍ରାଣବଳି ଦେବାକୁ ମଧ୍ୟ ପଛେଇବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସି.ପି.ଆଇ. ନେତା ଜୟନ୍ତ ଦାସ, ଏସ.ୟୁ.ସି.ଆଇ ନେତା ନିରାକାର ପାଣ୍ଡବ, ଆମ ଆଦମୀ ପାର୍ଟି ଜିଲ୍ଲା ସମ୍ପାଦକ ପ୍ରଦିପ କୁମାର ସ, ଏସ.ୟୁ.ସି.ଆଇ ରାଜ୍ୟ ସମ୍ପାଦିକା ଛବି ମାହାନ୍ତି, ସୁଦର୍ଶନ ପ୍ରଧାନ, ଗଙ୍ଗାଧର ପାଣିଗ୍ରାହୀ, ବଡାଶ ପଂଚାୟତ ସରପଂଚଙ୍କ ପ୍ରତିନିଧି ଜଗନ୍ନାଥ ବିଶ୍ୱାଳ, ଚାଷୀ ନେତା କୁଶଧ୍ୱଜ ଜେନା, ନାରୀ ନେତ୍ରୀ ଗାୟତ୍ରୀ ବାରିକ, ଉତ୍କଳ ସମ୍ମିଳନୀ ସମ୍ପାଦିକା ପ୍ରଭାବତୀ ଦାସ, ଚୌମୁଖ ସରପଂଚ ନାରାୟଣ ଖଟୁଆ ପ୍ରମୁଖ ଉଦବୋଦନ ଦେଇ ମାଟି ପାଇଁ ଏ ଲଢେଇ ଜାରି ରଖିବା ପାଇଁ ସମସ୍ତଙ୍କୁ ଆହହ୍ୱାନ ଜଣାଇଥିଲେ । ଶେଷରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ହଜାର ହଜାର ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କୁ ପ୍ରଦାନ କରାଯାଇଥିଲା ।

# ସଂକଟରେ ସୁବର୍ଣ୍ଣରେଖା : ମାଫିଆଙ୍କ କବ୍ଜାରେ ନଦୀବାଲି

ଜଳେଶ୍ୱର, ୬/୪ (ନିପ୍ର) : ଉତ୍ତର ବାଲେଶ୍ୱର ଜୀବନରେଖା ଭାବେ ପରିଚିତ ସ୍ୱର୍ଣ୍ଣଗର୍ଭା ସୁବର୍ଣ୍ଣ ରେଖା ନଦୀ ଆଜି ବାଲି ମାଫିଆଙ୍କ କବ୍ଜାରେ । ଝାଡଖଣ୍ଡର ରାଞ୍ଚି ମାଳଭୂମୀରୁ ବାହାରି ପଶ୍ଚିମବଂଗ ପାରି ହୋଇ ଓଡିଶାର ବାଲେଶ୍ୱର ଜିଲାର ତାଳସାରୀ ନିକଟ ବଙ୍ଗୋପସାଗରେ ଏହା ମିଶିଛି । ଏହା ବାଲେଶ୍ୱର ଜିଲାର ଜଳେଶ୍ୱର, ବସ୍ତା, ଭୋଗରାଇ ଓ ବାଲିଆପାଳ ବ୍ଲକ ଅଂଚଳରେ ୭୯ କିମି ପ୍ରବାହିତ ହୋଇଛି । ପ୍ରବାହିତ ହେଉଥିବା ଅଂଚଳର ପାର୍ଶ୍ୱରେ ଉର୍ବର ମାଟିଯୋଗୁଁ ବର୍ଷଯାକ ଶସ୍ୟଶ୍ୟାମଳା ହୋଇଥାଏ । ସମଗ୍ର ଉତ୍ତର ବାଲେଶ୍ୱର ଓ ପଶ୍ଚିମବଂଗର ପଶ୍ଚିମମେଦିନୀପୁର ଜିଲାକୁ ଏହି ସବୁ ଅଂଚଳରୁ ପରିବା ଯୋଗାଣ ହୋଇଥାଏ । ନଦୀକୂଳିଆ ଗ୍ରାମବାସୀମାନେ ନଦୀରୁ ମଧ୍ୟ ମାଛ ମାରି ଜିବିକା ଉପାର୍ଜନ କରିଥାନ୍ତି । ସୁବର୍ଣ୍ଣରେଖା ନଦୀର ବାଲିର ଚାହିଦା ବହୁ ଅଧିକ । ବିଭିନ୍ନ ନିର୍ମାଣ ଲାଗି ଓଡିଶା ଓ ପଶ୍ଚିମବଂଗକୁ ପ୍ରତ୍ୟେହ ହଜାର ହଜାର ଡମ୍ପର ବାଲି ଚାଲାଣ ହୋଇଥାଏ । ଏଥିପାଇଁ ସରକାର ଅଳ୍ପ କିଛି ରାଜସ୍ୱ ପାଉଥିବା ବେଳେ ମାଫିଆମାନେ କୋଟି କୋଟି ଟଙ୍କା ଲୋଟି ନେଇଥାନ୍ତି । ସୁବର୍ଣ୍ଣରେଖା ନଦୀର ଓଡିଶା ଓ ପଶ୍ଚିମ ବଂଗ ସୀମାରେ ୧୦ କିମି ପ୍ରବାହିତ ହୋଇଥିବାରୁ ଏହି ଅଂଚଳ ଏବେ ଉଭୟ ରାଜ୍ୟପାଇଁ ସୀମାବିବାଦ ସୃଷ୍ଟି ହୋଇଛି । ପଶ୍ଚିମବଂଗର ବାଲିମାଫିଆ ମାନେ ଓଡିଶା ଅଂଚଳରୁ ଯୋରଜବରଦସ୍ତ ବାଲି ମେସିନ୍ ସାହାଯ୍ୟରେ ଉତ୍ତୋଳନ କରି ମାଲେମାଲ ହେଉଛନ୍ତି । ଏପରିକି ଜଳେଶ୍ୱର ବ୍ଲକରେ ବେଆଇନ୍ ଓ ଚୋରାରେ ପ୍ରାୟ ୨୨ଟିରୁ ଅଧିକ ବାଲି ସୈରାତରୁ ବାଲି ଉତ୍ତୋଳନ ହେଉଥିବା



ଜଣାଯାଇଛି । ପରିବେଶ ଆଇନ୍ ଓ ମାଇନିଂ ପ୍ଲାନ୍କୁ ଉଲଙ୍ଘନ କରି ଦିନ ରାତି ବାଲି ପରିବହନ ହେବା ଫଳରେ ନଦୀର ପତ୍ତନ ଧିରେ ଧିରେ କମି କମି ଯାଉଛି ଓ ନଦୀ ଅଧିକ ଗଭୀର ହୋଇ ଯାଉଛି । ଏପରିକି ଜଳ ସଂପଦ ବିଭାଗର ବିନା ଅନୁମତିରେ ନଦୀ ଶଯ୍ୟାରେ ଅସ୍ଥାୟୀ ବନ୍ଧ ଓ ପୋଲ ନିର୍ମାଣ ଫଳରେ ନଦୀର ଗତିପଥ ବଦଳିବା ଆଶଙ୍କା ସୃଷ୍ଟି ହୋଇଛି । କୂଳ ଖାଇବା ସହିତ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଖରାଦିନେ ନଦୀ ପାଣିକୁ ଚାଷ ଲାଗି ବ୍ୟବହାର କରି କରାଯାଉଥିବା ବେଳେ ନଦୀକୂଳିଆ ଗ୍ରାମବାସୀ ମାନେ ନିଜର ଦୈନନ୍ଦିନ କାର୍ଯ୍ୟରେ ଏହି ପାଣିକୁ ବ୍ୟବହାର କରିଥାନ୍ତି । ଚଳିତବର୍ଷ ପ୍ରାୟ ୭ମାସ ବର୍ଷା ନ ହେବା ଫଳରେ ନଦୀର ଶର୍ଯ୍ୟ ଶୁଷ୍କ ହୋଇ ଯାଇଥିବାରୁ ଜୀବନଯାତ୍ରା ବ୍ୟାହତ ହୋଇଛି । ଭୂତଳ ଜଳସ୍ତର ୧୦୦ଫୁଟ ପର୍ଯ୍ୟନ୍ତ ତଳକୁ ଖସିଯିବାରୁ ନଦୀ ଅବବାହିକାରେ ଥିବା ଗ୍ରାମମାନଙ୍କରେ ଜଳ ସଂକଟ ସୃଷ୍ଟି ହୋଇଛି । ଅଗଭୀର ନଳକୂପରୁ ଚାଷ ଓ ପିଇବା ପାଇଁ ପାଣି ମିଳୁ ନାହିଁ । ଚାଷୀମାନେ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି । ଏହାର ପ୍ରତିକାର ଲାଗି ମହମ୍ମଦନଗର ପାଟଣା ପଂଚାୟତର ସରପଂଚ ଦମୟନ୍ତୀ ମହାନ୍ତି, ସମାଜସେବୀ ରାଧାଶ୍ୟାମ ସାହୁ, ଉତ୍ତମ ଦାସ, ଅରୁଣ ସେନାପତି, ହରିପଦ ମାନ୍ନା, ଖକନ ଜେନା, କୁନା ଟୁଡୁ, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଜଳେଶ୍ୱର ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ଧାମନଗର,୦୬/୦୪ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଧାମନଗର ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧି ମାନଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନ୍ଜୀବୀ ତଥା ନିର୍ବାଚନ ଅଧିକାରୀ ଅଜିତ୍ କୁମାର ଦାସ ଏକ ନିରାଡ଼ମ୍ବର ପରିବେଶ ମଧ୍ୟରେ କୋଭିଡ଼ କଟକଣା ପାଳନ ପୂର୍ବକ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଶପଥ ପାଠ କରାଇଥିଲେ । ପ୍ରାରମ୍ଭରେ ଛତିଶଗଡ଼ର ସୁକୁମା ଠାରେ ମାଓବାଦୀଙ୍କ ଗୁଳିରେ ସହିଦ୍ ହୋଇଥିବା ୨୨ଜଣ ଯବାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା । ସଂଘର ନବ ନିର୍ବାଚିତ ସଭାପତି ଅଭିରାମ ମହାନ୍ତି, ଉପସଭାପତି ପ୍ରଜ୍ଞାପରମିତା ଦାଶ, ସାଧାରଣ ସମ୍ପାଦକ ଅମରେନ୍ଦ୍ରନାଥ ମହାନ୍ତି, ସହସମ୍ପାଦକ ବିଜୟ କୁମାର ରାମ, କାର୍ଯ୍ୟକାରୀ ସଦସ୍ୟା ମିନତୀ ମଲ୍ଲିକ, ସଦସ୍ୟ ଅଞ୍ଜନ ସାହୁ ପ୍ରମୁଖ ଶପଥ ପାଠ କରିବା ସହ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଭାପତି ଅରୁଣପ୍ରକାଶ ନାୟକ, ଉପସଭାପତି ଅଶୋକ କୁମାର ଦାସ, ସଦସ୍ୟ ରାମଚନ୍ଦ୍ର ରାଉତ,ଅମର ମହାନ୍ତି, ବିଷ୍ଣୁ ମୋହନ ପତି,ଆଶିଷ ନନ୍ଦ, ରଣଜିତ୍ ମହାନ୍ତି, ଦେବଜ୍ୟୋତି ଦାସ, ଗୌତମବୁଦ୍ଧ ଜେନା, ସ୍ନେହାଶିଷ ପଣ୍ଡା, କିଶୋର ପଣ୍ଡା, ଉମାକାନ୍ତ ପଣ୍ଡା, ସନ୍ତୋଷ ତ୍ରିପାଠୀଙ୍କ ସମେତ ଅନ୍ୟ ଆଇନ୍ଜୀବୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ନବ ନିର୍ବାଚିତ ପ୍ରତିନିଧିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସର୍ବଶେଷରେ ସଭାପତି ଶ୍ରୀ ମହାନ୍ତି ଉପସ୍ଥିତ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଆକ୍ରମଣକୁ ପିସିସି ସଭାପତିଙ୍କ ନିନ୍ଦା

ଭୁବନେଶ୍ୱର,୦୬/୦୪ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳର ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବୋରଚିତ ଆକ୍ରମଣକୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଦୃଢ଼ ନିନ୍ଦା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରି ଆହତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଚେତେଇ ଦେଇଛନ୍ତି। ଏକ ପ୍ରେସ ବିବୃତି ମାଧ୍ୟମରେ ସେ କହିଛନ୍ତି ।ଯେ କରୋନାର ଦ୍ୱିତୀୟ ଲହର ଓଡ଼ିଶାର ବିଶେଷ କରି ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼ ଏବଂ ଦକ୍ଷିଣ ପଶ୍ଚିମାଂଚଳ ଜିଲ୍ଲା ମାଲକାନଗିରି ରେ ଅଧିକ ସଂଖ୍ୟକ ରୋଗୀ ଚିହ୍ନଟ ହେଉଛନ୍ତି। ଏବେ ପାଖାପାଖି ଓଡ଼ିଶାର ୫୭୬ କୋରାନା ଆକ୍ରାନ୍ତ ବାହାରିଲେଣି। ତନ୍ମମଧ୍ୟରୁ ପାଖାପାଖି ୬୦ ରୁ ୬୫ ଭାଗ ଏହି ସବୁ ଜିଲ୍ଲାରେ। ତେଣୁ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ କରୋନା ମହାମାରୀର ଉଗ୍ରରୂପକୁ ପରିଲକ୍ଷିତ କରି କିଭଳି ଭାବରେ ଛାତ୍ରମାନେ ନିଜକୁ ସୁରକ୍ଷିତ ରଖିବା ସହିତ ସଂକ୍ରମଣକୁ କିଭଳି ଭାବରେ ରୋକିବା ସହିତ ପରୀକ୍ଷା ମଧ ସୂଚାରୁରୂପେ ପରିଚାଳନା ହୋଇପାରିବ ତାହାକୁ ନେଇ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟିବା ସହିତ ଅଫ ଲାଇନ ପରିବର୍ତେ ଅନଲାଇନରେ ପରୀକ୍ଷା କରାଯାଉ ବୋଲି ଦାବି କଲେ। ଛାତ୍ର ଓ ଛାତ୍ରୀମାନଙ୍କର କହିବା କଥା ଗତବର୍ଷ ସେମାନେ ଅନଲାଇନରେ ପାଠ ପଢ଼ିଲେ ଏବଂ ଅନଲାଇନରେ ପରୀକ୍ଷା ଦେଲେ ମଧ୍ୟ। ଏବର୍ଷ ମଧ୍ୟ ଅନଲାଇନରେ ପାଠପଢ଼ା ଚାଲିଛି କିନ୍ତୁ ଅଫଲାଇନରେ ପରୀକ୍ଷା କରିବାପାଇଁ କାହିଁକି ବିଶ୍ୱବିଦ୍ୟାଳୟ କତୃପର୍କ୍ଷ ଜିଦ୍‌ରେ ଅଡ଼ିବସିଛନ୍ତି। ରାଜ୍ୟ ସରାକର କୋଭିଡ୍‌ର ସଂକ୍ରମଣର ଅଭିବୃଦ୍ଧିକୁ ଲକ୍ଷ୍ୟକରି ଏସ୍‌ଓପି ଜାରି କଲାବେଳେ ଏହି କଥାକୁ ନେଇ ହଠାତ ବିଶ୍ୱବିଦ୍ୟାଳୟ କତୃପକ୍ଷଙ୍କ ନିର୍ଦ୍ଦେଶରେ ପୋଲିସ୍ ଛାତ୍ରଛାତ୍ରୀମାନଙ୍କ ଉପରେ ଅକଥନୀୟ ଲାଠି ଚାର୍ଜ କଲେ। ଏହି ଲାଠି ଚାର୍ଜ ଯୋଗୁଁ ୧୨ ଛାତ୍ରଛାତ୍ରୀ ଆଘାତପ୍ରାପ୍ତ ଏବଂ ୧୩ ଜଣ ଛାତ୍ରଛାତ୍ରୀ ଅତି ଗୁରୁତ୍ୱର ଆଘାତ ପ୍ରାପ୍ତ ହୋଇ ହସ୍‌ପିଟାଲରେ ଚିକିତ୍ସାଧିନ ଅଛନ୍ତି।

# ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବୀ ଖାଲିକୁ ନେଇ ଉଦ୍‌ବେଗ

## ଗଣ ଆନ୍ଦୋଳନ ପାଇଁ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି



ବାଲେଶ୍ୱର,୦୬/୦୪ (ନି.ପ୍ର): ଫକୀରମୋହନ ମେଡିକାଲ କଲେଜ ହସପିଟାଲରେ ହୃଦରୋଗ ଓ ସ୍ନାୟୁରୋଗ ପ୍ରଭୃତି ଜଟିଳ ରୋଗର ବିଶେଷଜ୍ଞଙ୍କୁ ତୁରନ୍ତ ନିଯୁକ୍ତି ଦିଆନଗଲେ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କମିଟିର ସାପ୍ତାହିକ ବୈଠକରେ ନିଷ୍ପତି ନିଆଯାଇଛି। କମିଟିର ସଭାନେତ୍ରୀ ମମତା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ଆଲୋଚନାର ପ୍ରସଙ୍ଗ ଆଗତ କରିଥିଲେ। ମେଡିକାଲ କଲେଜ ସଂଲଗ୍ନ ହସପିଟାଲ ନିର୍ମାଣ କାର୍ଯ୍ୟ ଓ ଦୁଇଦିଗରୁ ପ୍ରସ୍ତାବିତ ସଡ଼କ ଏବଂ ଫାଟକ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିବେଦନ ପତ୍ର ପ୍ରଦାନର ୧୫ଦିନ ପରେ ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଲିସ ଡିଆଜି ପଦରୁ ଅବସର ଗ୍ରହଣ କରିଥିବା ଗୋପବନ୍ଧୁ ମଲ୍ଲିକ କମିଟିର ସଦସ୍ୟତା ଗ୍ରହଣ କରିଥିବାରୁ ତାଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା। କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଭାକର ସାହୁ ଓ ନିରଞ୍ଜନ ପରିଡ଼ା, ଇଂ. ବନମାଳି ନାୟକ, ପ୍ରଫୁଲ୍ଲ ଦାସ, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ବିଜୟ ଅଧିକାରୀ, ଯତିନ୍ଦ୍ର ମହାନ୍ତି, ଡା. ତାରାକାନ୍ତ ନନ୍ଦ, ବିଧାନ ରାୟ, ଯଶୋଦା ନନ୍ଦନ ଆସ, ସେକ କରିମ ଉଦ୍ଦିନ୍, ଅକ୍ଷୟ ତ୍ରିପାଠୀ ଓ ବନ୍ଦନା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶଚୀନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୪ ଓଏଏସ୍ ଅଧିକାରୀଙ୍କ ରାତି ଅଧିଆ ବଦଳି

ଧର୍ମଶାଳା,୦୬/୦୪ (ନି.ପ୍ର): ରାଜ୍ୟ ଓଏଏସ୍ ସ୍ତରରେ ଗତ କାଲି ରାତିରେ ଏକ ଅଦଳବଦଳ ହୋଇଛି । ଏହି ଅବସରରେ ଯାଜପୁର ଜିଲାରୁ ୪ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଥିବା ସୂଚନା ରହିଛି । ଧର୍ମଶାଳା ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟଙ୍କୁ ରାଜ୍ୟ ୱାଟର ରିସୋର୍ସ ବିଭାଗ,ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ଜିଏ ଆଣ୍ଡ ପିଜି ବିଭାଗକୁ ,ବିଂଝାରପୁର ତହସିଲଦାର ଅସ୍ମିତ ଦାସଙ୍କୁ ନୟାଗଡ ଡେପୁଟି କଲେକ୍ଟର ଓ ଯାଜପୁର ସଦ୍ ରେଜିଷ୍ଟାର ପ୍ରଦୀପ କୁମାର ସେଠୀଙ୍କୁ ଦର୍ପଣ ତହସିଲଦାରଭାବେ ଅବସ୍ଥାପିତ କରାଯାଇଛି ।

# ବାଲିଆପାଳରେ ଗଞ୍ଜାମ ଆସ୍କା ଲୁଟେରାଙ୍କ ଆତଙ୍କ

## ମୋଟର ସାଇକେଲ ଡିକି ଭାଙ୍ଗି ଗହଣା ଲୁଟ୍ ଉଦ୍ୟମ ବିଫଳ : ଦୁଇ ଲୁଟେରା ଗିରଫ



ବାଲିଆପାଳ,୦୬/୦୪ (ନି.ପ୍ର): ବାଲିଆପାଳରେ ଗଞ୍ଜାମ ଆସ୍କା ଅଞ୍ଚଳର ଲୁଟେରା ଙ୍କ ଆତଙ୍କ ଦେଖିବାକୁ ମିଳିଛି। ଜନଗହଳିପୁର୍ଣ୍ଣ ସିମୁଳିଆ ହାଟରୁ ମୋଟର ସାଇକେଲ ଡିକି ଭାଙ୍ଗି ଜଣେ ଗହଣା ଦୋକାନୀଙ୍କ ଗହଣା ଲୁଟ ଉଦ୍ୟମ ବିଫଳ ହୋଇଛି । ମିଳିଥିବା ସୂଚନା ଅନୁସାରେ ସିମୁଳିଆ ହାଟରେ ଗହଣା ଦୋକାନ କରିଥିବା ଜଗନ୍ନାଥ ଜୁଏଲାର୍ସର ମାଲିକ ରାଜେନ୍ଦ୍ର ଆଦକ ସବୁ ଦିନ ଭଳି ଆଜି ସକାଳ ୧୦ ଘଟିକା ସମୟରେ ନିଜର ମୋଟର ସାଇକେଲ ଡିକିରେ କିଛି ଗହଣା ରଖି ଦୋକାନକୁ ଆସିଥିଲେ । ଦୋକାନ ଆଗରେ ମୋଟର ସାଇକେଲ ରଖି ଦୋକାନ ଖୋଲୁଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଦୁଇ ଜଣ ଲୁଟେରା ତାଙ୍କ ମୋଟର ସାଇକେଲ ଡିକି ଭାଙ୍ଗି ଗହଣା ବ୍ୟାଗ ଟିକୁ ଲୋଟ କରି ଏକ ନମ୍ବର ବିହୀନ ଆପାଚି ମୋଟର ସାଇକେଲରେ ପଳାଇବା ପାଇଁ ଉଦ୍ୟମ କରିଥିଲେ । ତେବେ ଗହଣା ଦୋକାନୀ ରାଜେନ୍ଦ୍ର ଦଉଡି ଆସି ସେମାନଙ୍କ ମୋଟର ସାଇକେଲକୁ ପଛରୁ ଟାଣି ଧରି ଜୋରରେ ଚିତ୍କାର କରିଥିଲେ । ମାର୍କେଟରେ ଥିବା ଦୋକାନୀ ଓ ସାଧାରଣ ଲୋକ ଦଉଡି ଆସି ଦୁଇ ଲୁଟେରାଙ୍କୁ କାବୁ କରି ନେଇଥିଲେ । ପରେ ଗହଣା ବ୍ୟାଗ ଉଦ୍ଧାର କରି ଦୁଇ ଜଣକୁ ନିସ୍ତୁକ ମାଡ ମାରିଥିଲେ । ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଁଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଥାନାକୁ ନେଇ ଯାଇଥିଲା । ଦୁଇ ଜଣଙ୍କ ଘର ଗଞ୍ଜାମ ଜିଲ୍ଲାର ଆସକ୍କା ଅଂଚଳରେ ବୁଲି ଜଣା ଯାଇଛି । ପୂର୍ବରୁ ସେମାନେ ବାଲେଶ୍ୱର ଜିଲ୍ଲାରେ ଅନେକ ଲୁଟ ଘଟଣାରେ ସାମିଲ ଥିବା ପୁଲିସ କହିଛି ।

# ପୂର୍ବତନ ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଳଛତ୍ର

ବାଲେଶ୍ୱର,୦୬/୦୪ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଜଳଛତ୍ର ଶୁଭାରମ୍ଭ କରାଯାଇଛି । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହାକୁ ଉଦଘାଟନ କରିବା ସହିତ ଜନସାଧାରଣଙ୍କ ତୃଷ୍ଣା ମେଣ୍ଟାଇବାରେ ଏହା ବେଶ ସହାୟକ ହେବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ପୂର୍ବତନ ବିଧାୟକ ଶ୍ରୀ ଦାଶ ଝାଡେଶ୍ୱର ମନ୍ଦିର ଏବଂ ନୂଆବଜାର ଅଂଚଳ ସର୍ବଦା ଜନବହୁଳ ରହୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବର୍ଷ ଭଳି ଖରାଦିନରେ ଜଳଛତ୍ର ସ୍ଥାପନ କରାଯାଇଥାଏ ବୋଲି କହିଥିଲେ । ବିଜେପି ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ସମ୍ପାଦକ ଆଶିଷ ଘୋଷ, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମହିଳା ମୋର୍ଚ୍ଚା ନଗର ସଭାନେତ୍ରୀ ସୁସ୍ମିତା ପଣ୍ଡା, ତରୁଲତା ମହାନ୍ତି, ଦେବବ୍ରତ ମିଶ୍ର, ପ୍ରବାଳ ସିହ୍ନା, ମଣ୍ଟୁ ପେରିୱାଲ, ଅମରଜିତ ଦାସ, ସର୍ବେଶ୍ୱର ପାତ୍ର ପ୍ରମୁଖଙ୍କ ଏଥିରେ ଉପସ୍ଥିତ ଥିଲେ।

# ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ସଭାପତି ଭାବେ ଡ. ରଜନୀ ରଞ୍ଜନ ଦାଶ ନିର୍ବାଚିତ

ଭୁବନେଶ୍ୱର,୦୬/୦୪ (ନି.ପ୍ର): ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପରିଚାଳନା ଗତ ସୁବିଧା ନିମନ୍ତେ ଏହାର ଏକ ଭୋଟିଂ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବହୁତ କଳ୍ପନା ଜଳ୍ପନାର ଅନ୍ତ ଘଟିବା ପରେ ଆମେ ଅନେକ ପ୍ରତିଭାବାନ୍ ବ୍ୟକ୍ତିବିଶେଷ ଙ୍କୁ ଆମର କର୍ମକର୍ତ୍ତା ରୂପେ ଚୟନ କରାଯାଇଛି। ଏଥିରେ ୯ଜଣ ସଭ୍ୟ ବିଜୟ ହୋଇଛନ୍ତି । ସଭାପତି ଭାବେ ଡଃ ରଜନୀ ରଞ୍ଜନ ଦାଶ ନିର୍ବାଚିତ ହୋଇଥିବା ବେଳେ କାର୍ଯକାରୀ ସଭାପତି ଡଃ ଜୟନ୍ତୀବାଳା ଜେନା, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଗୋଦାବରୀଶ ଦାସ, ରାଜ୍ୟ ସହ ସମ୍ପାଦକ ଜୟେଶ୍ୱର ଦଳାଇ, ସଂଗଠନ ସମ୍ପାଦିକା ଡଃ ପ୍ରଭାତ ନଳିନୀ ମିଶ୍ର, ରାଜ୍ୟ ସହସମ୍ପାଦିକା ପୁଷ୍ପଲତା ସାହୁ, ଉପଦେଷ୍ଟା ମଣ୍ଡଳୀ ପ୍ରଦୀପ କୁମାର ସାହୁ, ରାଜ୍ୟ ସଂଯୋଜକ ଯୁଧିଷ୍ଠିର ମୁଦୁଲି, ଆଇନ ପରାମର୍ଶଦାତା ଭାବେ ଆଖିଳେଶ ମହାନ୍ତି ନିର୍ବାଚିତ ହୋଇଛନ୍ତି । ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପରିଚାଳନା ସମିତି ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ବିଦ୍ୟୁତ୍ ଶୁଳ୍କବୃଦ୍ଧି ପ୍ରତ୍ୟାହାର ଦାବିରେ କଂଗ୍ରେସର ଗଣଧାରଣା ଓ ପ୍ରତିବାଦ ସଭା




ଧାମନଗର,୦୬/୦୪ (ନି.ପ୍ର): ଧାମନଗର ବ୍ଲକ କଂଗ୍ରେସ କମିଟି ତରଫରୁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ଗଣଧାରଣା ଓ ପ୍ରତିବାଦ ସଭା ଧାମନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ କଂଗ୍ରେସ କମିଟି ସଭାପତି ଅଭିଷେକ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ କଂଗ୍ରେସର ବହୁ ଟାଣୁଆ ନେତା ଯୋଗଦେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ବର୍ଷିଥିଲେ। କରୋନା ମହାମାରୀ ସମୟରେ ସାଧାରଣ ଜନତାଙ୍କ ଜିବିକା ଓଜାଡ଼ି ହୋଇପଡ଼ିଥିବାବେଳେ ପେଟ୍ରୋଲ, ଡ଼ିଜେଲ, ରନ୍ଧନଗ୍ୟାସ, ଖାଇବାତେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶ ଛୁଆଁ ହୋଇଛି। ଏପରି ସମୟରେ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଶୁଳ୍କବୃଦ୍ଧି ବେଢିଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି ବୋଲି କଂଗ୍ରେସନେତା ଅଭିଷେକ ରାଉତ ତାଙ୍କ ବକ୍ତବ୍ୟରେ କହିବା ସହିତ ସରକାର ବର୍ଦ୍ଧିତ ବିଦ୍ୟୁତ୍ ମୂଲ୍ୟ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ କଂଗ୍ରେସ ବ୍ୟାପକ ଆନ୍ଦୋଳନ କରିବବୋଲି ଚେତାବନି ଦେଇଛି। ଏହି ପ୍ରତିବାଦ ସଭାରେ ଧାମନଗର କଂଗ୍ରେସ ନେତା ବିଦ୍ୟାଧର ଯେନା, ହୃଦାନନ୍ଦ ସେଠୀ, ନାରାୟଣଚନ୍ଦ୍ର ପାଢୀ, ଏନ୍‌ଏସି କଂଗ୍ରେସ ସଭାପତି ପ୍ରସନ୍ନ କୁମାର ଧଳ, ନିମାଇଁଚରଣ ଜେନା, ପ୍ରମୋଦ କୁମାର ସ୍ୱାଇଁ, ନାରାୟଣଚନ୍ଦ୍ର ନାୟକ, ରବିନାରାୟଣ ଜେନା, ପରମାନନ୍ଦ ସାୟନ୍ତ, ସୁଧିର କୁମାର ଖଟୁଆ, ଲକ୍ଷ୍ମୀନାରାୟଣ ମିଶ୍ର, ବ୍ରଜକିଶୋର ସାମଲ, ଅରୁଣକୁମାର ପରିଡ଼ା, ଅଜିତ୍ କୁମାର ପଣ୍ଡା, ମାନସ ମହାପାତ୍ର, ଚିନ୍ତାମଣୀ ବାରିକ, ସେକ୍ ନିଜାମୁଦ୍ଦିନ୍, ପ୍ରମୋଦ କୁମାର ନାୟକ, ଶ୍ରୀମତୀ ପ୍ରମିଳା ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଉଦଳା ବସଷ୍ଟାଣ୍ଡର ଦୁର୍ଦ୍ଦଶା : ପାର୍କିଂ ଫି ବନ୍ଦର ଧମକ ଦେଲା ବସ ମାଲିକ ସଂଘ

ଉଦଳା ୦୬/୦୪(ନି.ପ୍ର)- ସ୍ଥାନୀୟ ବସ ମାଲିକ ସଂଘ, ଉଦଳା ବସଷ୍ଟାଣ୍ଡର ଦୁର୍ଦ୍ଦଶା ସମ୍ପର୍କରେ ଅବଗତ କରାଇବା ସହିତ, ଯାତ୍ରୀ ମାନଙ୍କର ସୁବିଧା ପାଇଁ କତ୍ତୃପକ୍ଷ ବସଷ୍ଟାଣ୍ଡର ଉନ୍ନତି କରଣ ନକଲେ ଆଗାମୀ ଦିନରେ ପାର୍କିଂ ଫି ବନ୍ଦ କରିବାର ଧମକ ଦେଇଛି । ବସ ମାଲିକ ସଂଘର କହିବା ଅନୁସାରେ ପ୍ରତ୍ୟେକ ଦିନ ଉକ୍ତ ଷ୍ଟାଣ୍ଡରୁ ଭୁବନେଶ୍ୱର, ରାଞ୍ଚି, ବାଲେଶ୍ୱର, ବାରିପଦା, କଲିକତା, କୁପାରୀ, କରଞ୍ଜିଆ ରୁଟରେ ବହୁ ଯାତ୍ରୀ ଯିବା ଆସିବା କରନ୍ତି । ବସ ଷ୍ଟାଣ୍ଡରେ ବସ ଗୋଟିଏ ଗଲେ ଧୂଳି ଉଡ଼ି ସମଗ୍ର ଷ୍ଟାଣ୍ଡକୁ ଧୂଳିମୟ କରିଦିଏ । ଏଭଳିକି ବସଷ୍ଟାଣ୍ଡରେ ପଡ଼ିଥିବା ମେଟାଲ ଛିଟିକି ଯାତ୍ରୀ ମାନେ ଖଣ୍ଡିଆଖାବରା ହୋଇସାରିଲେଣି । ପ୍ରଚଣ୍ଡ ଗ୍ରୀଷ୍ମତାପ ସ୍ୱତ୍ତେ ପାନୀୟ ଜଳ ଯୋଗାଣର ଓ ପରିସ୍ରାଗାରର କୌଣସି ସୁବନ୍ଦୋବସ୍ତ ନାହିଁ । ଯାତ୍ରୀ ପ୍ରତୀକ୍ଷାଳୟ ସମ୍ପୂର୍ଣ୍ଣ ବିପଦ ସଂକୁଳ ଛାତ ଝୁଲିକରି ରହିଛି । ଯାତ୍ରୀ ମାନେ ମନ୍ଦିର ସମ୍ମୁଖରେ ଥିବା ପୂଜା ମଣ୍ଡପରେ ବସି ବିଶ୍ରାମ ନେଉଛନ୍ତି । ଏ ବାବଦରେ ଏନ୍.ଏସି. ନିର୍ବାହୀ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ । ପାର୍କିଂ ଫି ବାବଦରେ ଉଦଳା ଏନ୍.ଏ.ସି. ପ୍ରତ୍ୟେକ ଦିନ ବସଷ୍ଟାଣ୍ଡରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ ଟଙ୍କା ଆଦାୟ କରୁଛି । କିନ୍ତୁ ବସଷ୍ଟାଣ୍ଡ ବାବଦରେ ଟଙ୍କାଟିଏ ମଧ ଖର୍ଚ୍ଚ କରୁନାହିଁ ।

# ବାଲେଶ୍ୱରରେ ବିଜେପିର ପ୍ରତିଷ୍ଠା ଉତ୍ସବ




ବାଲେଶ୍ୱର,୦୬/୦୪ (ନି.ପ୍ର): ବିଜେପି ପକ୍ଷରୁ ଦଳର ୪୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସମଗ୍ର ଦେଶରେ ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ବିଜେପି ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଉମାକାନ୍ତ ମହାପାତ୍ର ପୌରହିତ୍ୱ କରିବା ସହିତ ୪୦ବର୍ଷର ଦଳୀୟ ଅଗ୍ରଗତି ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଦଳୀୟ ନୀତି ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖି ବାଲେଶ୍ୱରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବା ପାଇଁ ସେ ଉପସ୍ଥିତ କର୍ମୀ ଓ ସମର୍ଥକଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ନଗର ସଭାପତି ଚତ୍ତରଞ୍ଜନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ୧୯୮୦ ମସିହାରେ ଦେଶର ରାଜନୈତିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ତତ୍କାଳୀନ ଦୂରଦୃଷ୍ଟି ସମ୍ପନ୍ନ ଜନନାୟକଙ୍କ ଉଦ୍ୟମରେ ବିଜେପି ଜନ୍ମ ନେଇଥିଲା ବୋଲି କହିଥିଲେ। ଦେଶମାସୀଙ୍କୁ ଭ୍ରଷ୍ଟାଚାର ମୁକ୍ତ, ସ୍ଥିର ତଥା ସୁଶାସନ ପ୍ରଦାନର ଆଭିମୁଖ୍ୟ ନେଇ ଦଳ ପ୍ରତିଷ୍ଠା ହୋଇଥିବା ବେଳେ ତାହା ଆଜି ପ୍ରାମାଣିତ ହୋଇପାରିଛି ବୋଲି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ସଭାନେତ୍ରୀ କମଳା ବିନ୍ଧାଣୀ, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ ଓ ବିଭୂପଦ ଦାସ, ଜିଲ୍ଲା ସମ୍ପାଦିକା ପିଙ୍କି ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଅନ୍ତର୍ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬/୦୪ (ନି.ପ୍ର): କ୍ରୀଡ଼ାରେ ନିବେଶ ହେଉଛି ଯୁବପିଢ଼ି ଏବଂ ଭବିଷ୍ୟତ ପାଇଁ ବିନିଯୋଗ ବୋଲି ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଲୋକମାନଙ୍କ ଜୀବନରେ କ୍ରୀଡ଼ାର ଅଗଣିତ ଲାଭକୁ ଚିହ୍ନିବା ସହ ଏକ ସଶକ୍ତ, ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ ନିମନ୍ତେ କ୍ରୀଡ଼ାର ପରିବର୍ତନଶୀଳ ଶକ୍ତି ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ଖଗଡେଶ୍ୱର ଓ ନିଖିରେଶ୍ୱର ପୀଠରେ ଚଡକମେଳାର ଶୁଭାରମ୍ଭ



ବାଲିଆପାଳ,୦୫/୦୪ (ନି.ପ୍ର): ବାଲିଆପାଳ ବ୍ଲକର ଦୁଇପ୍ରମୁଖ ଶୈବ ପୀଠ ଖଗଡେଶ୍ୱର ଏବଂ ନିଖିରେଶ୍ୱର ଶୈବ ପୀଠରେ ଚଡକଯାତ୍ରା ଶୁଭାରମ୍ଭ ହୋଇଯାଇଛି ।ଚନ୍ଦନେଶ୍ୱର ମହାଦେବଙ୍କ ରିତିନିତି ଅନୁଯାୟୀ ଏପ୍ରିଲ ୧ ତାରିଖ ଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ୧୩ ଅର୍ଘ୍ୟ ବ୍ରତ ଧାରଣ କରିଛନ୍ତି ଖଗଡେଶ୍ୱର ଶୈବ ପୀଠରେ ପାଟ ଭକ୍ତା ଭାବରେ ପଦ୍ମଲୋଚନ ସାହୁ,ଶ୍ରିବେକିଡି ଭାବେ ପ୍ରଭାସ ସାହୁ ଏବଂ ପୂଜକ ଜିତେନ୍ଦ୍ରନାଥ ପାଠୀ ଅଛନ୍ତି ।ସେହିପରି ନିଖିରେଶ୍ୱର ପୀଠରେ ପାଟଭକ୍ତା ପଙ୍କଜ ଭୂୟାଁ, ଶ୍ରିବେକିଡି ଅକ୍ଷୟ ବେହେରା, ଘଟୁଆଳ ଭବେଶ କୁମାର ଦେ, ଦେଉଳିଆ ଗୋପନାରାୟଣ ଜେନା, ସଂଜୟ ରଣା, ଯଦୁନାଥ ଗିରି, ଚୈତନ୍ୟ ଗିରି, ସନ୍ତୋଷ ଜେନା, ଶିବ ଦଳାଇ, ସୃଷ୍ଟିଧର ବାରିକ, ସଂଜିବ ଜେନା, ଜିତେନ୍ଦ୍ର ସାହୁ, ସନ୍ତୋଷ ଜେନା ପ୍ରମୁଖ ତେର ଭକ୍ତ ବ୍ରତ ଧାରଣ କରିଛନ୍ତି ।ତେବେ ଚଳିତ ବର୍ଷ କରୋନା କଟକଣା କୁ ମାନି ବିଧି ମୂତାବକ ଏହି ମନ୍ଦିରରେ ଚଡକ ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ରଶ୍ମିରଞ୍ଜନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୦୬/୦୪ (ନି.ପ୍ର): ଲକ୍ଷ୍ନୌରେ ଅନୁଷ୍ଠିତ ଦଶମ ଫେଡେରେସନ୍ କପ୍ ସିନିଅର ପୁରୁଷ ବଡ଼ିବିଲଡିଂ ଚମ୍ପିଅନ୍‌ସିପ୍ ର ୮୦ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବାରୁ ଓଡ଼ିଶାର ରଶ୍ମିରଞ୍ଜନ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି ।ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଠିପିବନ୍ଦ ମଦ ଦୋକାନରେ ଠିପିଖୋଲା ମଦର ବନ୍ୟା

## ଜିଲ୍ଲାପାଳଙ୍କଠାରେ ମିତ୍ରପୁର ବ୍ୟବସାୟୀ ସଂଘର ଫେରାଦ

ବାଲେଶ୍ୱର,୦୬/୦୪ (ନି.ପ୍ର): ସରକାରୀ ପଞ୍ଜିକୃତ ଠିପିବନ୍ଦ ମଦ ଦୋକାନରେ ଚାଲିଥିବା ଠିପିଖୋଲା ମଦବନ୍ୟାକୁ ନେଇ ଜିଲାପାଳଙ୍କଠାରେ ଆପଲୟଲି ଉଠାଇଛନ୍ତି ମିତ୍ରପୁର ବଜାରର ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା। ଏନେଇ ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କୁ ସାକ୍ଷାତ ସହ ମିତ୍ରପୁର ବଜାର ପାର୍ଶ୍ୱ କୁଅଁରପୁର ମାହାଲରେ ଗତ ୩ବର୍ଷ ଧରି ଚାଲିଥିବା ଠିପିବନ୍ଦ ମଦ ଦୋକାନର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। ଏହା ଏକ ଠିପିବନ୍ଦ ମଦ ଦୋକାନ କୁହାଯାଉଥିଲେ ବି ବାସ୍ତବରେ ଠିପିଖୋଲା ମଦ ଦୋକାନ ଭଳି ସେଠାରେ ମଦୁଆଙ୍କ ଆଡ୍ଡା ଚାଲିଛି ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଏଠାରେ ଚାଲିଥିବା ମଦହାଟର ଭିଡିଓ ଓ ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ବାରମ୍ବାର ଭାଇରାଲ ହୋଇଥିଲେ ବି ଅବକାରୀ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି। ରେମୁଣା ଗୋଲେଇ, ମନ୍ଦାରପୁର, ମିତ୍ରପୁରର ଆଖପାଖ ଅଞ୍ଚଳ ଏମିତିକି ନୀଳଗିରିକୁ ଲୋକେ ଆସି ଏହି ଦୋକାନରୁ ମଦନେଇ ଏହାର ଚାରିପାର୍ଶ୍ୱରେ ପିଇ ମାତାଲ ହୋଇ ରାସ୍ତାରେ ଗଡୁଛନ୍ତି। ଦିନରାତି ଏଠାରେ ଏହିଭଳି ସ୍ଥିତି ଲାଗିଥିବା ବେଳେ ଏହି ରାସ୍ତାଦେଇ ଲୋକ ଯା'ଆସ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ବିଭିନ୍ନ ସମୟରେ ମଦୁଆମାନେ ଗଣ୍ଡୋଗଳ କରୁଛନ୍ତି। ଏହି ମଦଦୋକାନ ସମ୍ମୁଖରେ ଏକ ନ୍ୟାସନାଲ ବ୍ୟାଙ୍କ, ମିତ୍ରପୁର ଉପ-ଡାକଘର, ଏକ ବଡ଼ ଆପାର୍ଟମେଣ୍ଟରେ ୩୦ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି, ୨୦୦ ମିଟର ଦୂରରେ ନୋଡାଲ ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇଗଲେଣି। ତୁରନ୍ତ ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବସାୟୀ ଓ ଗ୍ରାମବାସୀମାନେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ନିମ୍ନମାନର ରାସ୍ତା ଓ ଗାର୍ଡୱାଲ : ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର, ୬/୪ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ୧୬ ନଂ ୱାର୍ଡରେ ଏକ ମୁଖ୍ୟ ରାସ୍ତା ଓ ଗାର୍ଡ ୱାର୍ଡ ନିର୍ମାଣରେ ନିମ୍ନମାନର ଦର୍ଶାଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ଏସ୍‌ଡିଓ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ନୂଆବଜାରରୁ ନାମ୍ପୋ ଭାୟା ଅଲାଲାପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ୩ କି.ମି୧୫୦ ମିଟର ରାସ୍ତାକୁ ପିଡବ୍ଲୁଡି ପକ୍ଷରୁ ନବିକରଣ କରାଯାଇଛି । ଅଲାଲପୁର ଠାରୁ ନାମ୍ପୋ ପର୍ଯ୍ୟନ୍ତ ରାସ୍ତା ଆରଡି ବିଭାଗରେ ଅଧିନରେ ରହିଛି । ଅଲାଲପୁର ଗ୍ରାମ ମଧ୍ୟରେ ଥିବା ଏକ ବଡ ପୋଖରୀ ନିକଟରେ ୯ ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡୱାଲ ଓ ରାସ୍ତାକାମ ଲାଗି ଆରଡି ପକ୍ଷରୁ ରାଜେଶ ଦାସ ନାମକ ଠିକାକାର କାର୍ଯ୍ୟ କରୁଥିଲେ। ବିନା ଫଳକରେ ସେଠାରେ ନିମ୍ନ ମାନର କାର୍ଯ୍ୟ ହେଉଥିବାର ଗ୍ରାମବାସୀମାନେ କର୍ତ୍ତୃପକ୍ଷଙ୍କୁ ଜଣାଇବାପରେ ମଧ୍ୟ ସେହିପରି କାର୍ଯ୍ୟ ଚାଲୁଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଫଳରେ ସଂପୃକ୍ତ ଠିକାଦାର କାର୍ଯ୍ୟକୁ ଅଧାରୁ ଛାଡି ଚାଲିଯିବା ସହିତ ଗ୍ରାମବାସୀଙ୍କୁ ଆକ୍ରୋଶମୂଳକ ଭାବେ ମିଥ୍ୟାକେଶରେ ସଂଶ୍ଳିଷ୍ଟ କରିଛନ୍ତି । ଫଳରେ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହାକୁ ବିରୋଧ କରାଯିବା ସହିତ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି । ମରଣଯନ୍ତା ସାଜିଥିବା ଏହି ଅଧାପନ୍ତରିଆ କାର୍ଯ୍ୟକୁ ଆସନ୍ତା ୭ ଦିନ ମଧ୍ୟରେ ସଂପୂର୍ଣ୍ଣ କରାନଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆରଡି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କାଉନ୍‌ସିଲର କାଦମ୍ବିନୀ ରାୟ, ସଂଜିତ ରାୟ, ହରିଶ ପ୍ରଧାନ, ରତ୍ନାକର ସିଂହ, ରାଜେଶ ଦେ, ସୁଜିତ୍ ଦେ, ଅଜୟ କୁଣ୍ଡ, ରବିନ୍ଦ୍ର ସିଟ, ଦିବାକର ସିଂ, ଗଣେଶ ସିଂ, ସଂଜୟ ଭଂଜ, ଚନ୍ଦନ ସିଟ, ନଗେନ୍ଦ୍ର ଭଂଜ, ରାକେଶ ପରିଡା, ଉମେଶ ପରିଡା, ଆରତୀ ରଣା, ଚିନା ଭଂଜ, କିରଣବାଳା ସିଟ, ସୁମନା ଭଂଜ, ସବିତା ଭଂଜ, ସୁବର୍ଣ୍ଣା ଭଂଜ, ପଦ୍ମାବତୀ ଭଂଜଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo